# ଫଟୋରେ ଆଠମଲ୍ଲିକ ମହୋତ୍ସବର ଝଲକ









# ରାଜ୍ୟ ବାର୍ କାଉନସିଲ୍ ଅଧ୍ୟକ୍ଷଙ୍କୁ ନାଗରିକ ସମ୍ବର୍ଦ୍ଧନା



**ଅନୁଗୋଳ, ୧୦।୧(ସମିସ):** ଅନୁଗୋଳ ପୌରପାଳିକା ସଭା କକ୍ଷରେ ଆଜି ନବନିର୍ବାଚିତ ରାଜ୍ୟ ବାର୍ କାଉନସିଲ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମାରୋହରେ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ଓ ଅନୁଗୋଳ ଓକିଲ ସଙ୍ଘ ସଭାପତି ଦିଲୀପ କୁମାର ସାହୁ ଯୋଗ ଦେଇ ଶ୍ରୀ ଦ୍ୱିବେଦୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ପୌରାଧ୍ୟକ୍ଷ ଶ୍ରୀ ସାମନ୍ତ ଶ୍ରୀ ଦ୍ୱିବେଦୀଙ୍କୁ ଅନୁଗୋଳ ମାଟିର ବରପୁତ୍ର ଏବଂ ଏହି ପଦବୀ ଦଖଲ କରିବାରେ ସେ ଅନୁଗୋଳର ପ୍ରଥମ ଆଇନଜୀବୀ ବୋଲି ପ୍ରକାଶ କରିଥିଲେ। ଅନୁଗୋଳ ବାର୍ ତାଙ୍କ ଦ୍ୱାରା ଅନେକ ସୁବିଧା ପାଇପାରିବ ବୋଲି ସେ କହିଥିଲେ। ସଭାରେ ପୂର୍ବତନ ପୌରାଧ୍ୟକ୍ଷା ସୁକାନ୍ତି ଦାସ, ପୂର୍ଣ୍ଣଚନ୍ଦ୍ର ରାଉତ, ବିନୋଦିନୀ ଦାସଙ୍କ ସମେତ ଅନେକ କାଉନସିଲର ଓ ସହରବାସୀ ଯୋଗ ଦେଇଥିଲେ। ଏହାର ଉତ୍ତରରେ ଶ୍ରୀ ଦ୍ୱିବେଦୀ ଅନୁଗୋଳର ମଙ୍ଗଳ ତଥା ଆଇନଜୀବୀଙ୍କ ଉନ୍ନତି ପାଇଁ ସେ ସବୁବେଳେ କାମ କରିବେ ବୋଲି କହିଥିଲେ। ଏଠାରେ ସୂଚନାଯୋଗ୍ୟ ଶ୍ରୀ ଦ୍ୱିବେଦୀ ଅନୁଗୋଳ ଜରାସିଂହା ଗ୍ରାମରେ ଜନ୍ମ ହୋଇଥିଲେ। ଅନୁଗୋଳ କଲେଜରୁ ଉଚ୍ଚଶିକ୍ଷା ପରେ ସେ ଏମଏ ଏଲଏଲଏମ ଯୋଗ୍ୟତା ହାସଲ କରି ଆଇନକୁ ସେ ପେଶା ଭାବେ ଆପଣେଇଥିଲେ।

# ରାଜ୍ୟସ୍ତରୀୟ ମକ୍ଡ୍ରିଲ୍ ପାଇଁ କର୍ମଶାଳା

**ଅନୁଗୋଳ ୧୦।୧(ସମିସ)**



ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣାର ମୁକାବିଲା ନିମନ୍ତେ ଗେସାଲ ରିଲିଫ କମିଶନର ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ମକଡ୍ରିଲ୍ କର୍ମଶାଳା ଆୟୋଜିତ ହୋଇଯାଇଛି। ଶିଳ୍ପାନୁଷ୍ଠାନ ଥିବା ୧୦ ଟି ଜିଲ୍ଲାକୁ ନେଇ ଆୟୋଜିତ ଏହି କର୍ମଶାଳାରେ ଅନୁଗୋଳ ଜିଲ୍ଲା ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଯୋଗଦେଇ ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ମକଡ୍ରିଲ୍ ନିମନ୍ତେ ପ୍ରଶାସନର ବିଭିନ୍ନ ପ୍ରସ୍ତୁତି ଉପରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ପାଓ୍ୱାର ପଏଣ୍ଟ ଉପସ୍ଥାପନ କରିଥିଲେ। ଅନୁଗୋଳ ଜିଲ୍ଲାର ନାଲକୋ, ବଲଣ୍ଡା ସ୍ଥିତ ଆଇଓସିଏଲ୍, ନିଶା ସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାଓ୍ୱାର ଲିମିଟେଡ୍, ସାଉଥ ବଲଣ୍ଡା ସ୍ଥିତ ଆଇଡିଏଲ୍ ଏକ୍ସପୋସିଭ୍ ଲି ଓ ଇଣ୍ଡିଆନ ଏକ୍ସପୋସିଭ ଲି ଏବଂ କଣିହାସ୍ଥିତ ତାଳଚେର ସୁପର ଥର୍ମାଲ ପାଓ୍ୱାର ଲି'ରେ ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମକଡ୍ରିଲରେ ସାମ୍ଭାବ୍ୟ ରାସାୟନିକ ଦୁର୍ଘଟଣାର ମୁକାବିଲା ନିମନ୍ତେ ଆଗୁଆ ପ୍ରସ୍ତୁତି ନେଇ ଏହି କର୍ମଶାଳାରେ ସମୀକ୍ଷା ହୋଇଥିଲା। ରାସାୟନିକ ଦୁର୍ଘଟଣା ସମୟରେ ପ୍ରଭାବିତ ଲୋକମାନଙ୍କୁ ସ୍ଥାନାନ୍ତରିତ କରିବା, ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଓ ଶାନ୍ତି ଶୃଙ୍ଖଳାର ସହ ଦୁର୍ଘଟଣାକୁ ମୁକାବିଲା କରିବା ନେଇ ପ୍ରାକ୍ ପ୍ରସ୍ତୁତି ହେବା ସହ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ ହୋଇଥିଲା। ଏହି ମକଡ୍ରିଲ୍ କାର୍ଯ୍ୟକ୍ରମରେ ପୁଲିସ, ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗର ସହକାରୀ ନିର୍ଦ୍ଦେଶକ ମନୋଜ ମିଶ୍ର, ମିଶନ ଶକ୍ତି, ଆଶା କର୍ମୀ, ଅଗ୍ନିଶମ, ସ୍ୱାସ୍ଥ୍ୟ ବିଭାଗ, ସିଭିଲ ଡିଫେନ୍ସ, ଓଡ୍ରାଫ୍, ୬ଟି ଶିଳ୍ପ ସଂସ୍ଥାର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

**● କାର୍ଯ୍ୟାଦେଶ ପରେ ଲେଆଉଟ୍ ଦେଉନାହାନ୍ତି ଜେଇ**

# ବ୍ଲକ୍‌ରେ ପଡ଼ିରହିଛି ୧ କୋଟିର ବିଧାୟକ ଅନୁଦାନ ପାଣ୍ଠି

**କିଶୋରନଗର, ୧୦।୧(ସମିସ):** ଗ୍ରାମାଞ୍ଚଳର ଉନ୍ନତି ପାଇଁ ରାଜ୍ୟ ସରକାର ରାସ୍ତା ଘାଟ, ଓ କମ୍ୟୁନିଟି ହଲ ନିର୍ମାଣ ପାଇଁ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ପରି ଅନେକ ଯୋଜନା ପାଣ୍ଠି ମାଧ୍ୟମରେ ଅର୍ଥ ମଞ୍ଜୁର କରୁଛନ୍ତି। ହେଲେ ଅନେକ ଜାଗାରେ ରାଜନୈତିକ ଇଛା ଶକ୍ତିର ଅଭାବ ଓ କିଛି ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ସରକାଙ୍କ ଯୋଜନା ଯେଉଁ ଉଦ୍ଦେଶ୍ୟରେ ସାଧିତ ହେବା କଥା ତାହା ନ ହୋଇ ବ୍ଲକକୁ ଆସୁଥିବା ଅନୁଦାନ ଅର୍ଥ ମାସ ମାସ ଧରି ପଡିରହୁଥିବା ନଜିର ରହିଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି କିଶୋରନଗର ବ୍ଲକ ଅଞ୍ଚଳରେ। ପ୍ରକାଶ ଯେ, ୨୦୨୩-୨୪ ଆର୍ଥିକ ବର୍ଷ ରେ କିଶୋରନଗର ବ୍ଲକକୁ କଂକ୍ରିଟ ରାସ୍ତା ନିର୍ମାଣ, ଗାର୍ଡଓ୍ୱାଲ ଓ କମ୍ୟୁନିଟି ହଲ ଆଦି ୪୩ ଟି ପ୍ରକଳ୍ପ ନିର୍ମାଣ ପାଇଁ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଆନୁମାନିକ ୧ କୋଟି ଟଙ୍କା ଅନୁଦାନ ବ୍ଲକକୁ ଆସି ସାରିଛି। ଏଥିସହ ବିଧାୟକଙ୍କ ସୁପାରିଶରେ ବ୍ଲକ ପ୍ରଶାସନ ପକ୍ଷରୁ ହିତାଧିକାରୀଙ୍କୁ ୧ମାସ ବିତିଯିବ କାର୍ଯ୍ୟାଦେଶ ମଧ୍ୟ ବଣ୍ଟନ କରାଯାଇଛି। ହେଲେ ପ୍ରଶାସନ ବିଭିନ୍ନ ଆଳ ଦେଖାଇ ପ୍ରକଳ୍ପ ଗୁଡିକର ନିର୍ମାଣ କାମ କରିବା ପାଇଁ ଲେ ଆଉଟ ନ ଦେଇ ହିତାଧିକାରୀଙ୍କୁ ବର୍ତ୍ତମାନ କାମ ବନ୍ଦ କରିଥାଅ ବୋଲି ନିର୍ଦ୍ଦେଶ ଦେଉଛନ୍ତି। କାହା ଚାପରେ ପ୍ରଶାସନ ଓ ଯନ୍ତ୍ରୀ ଚେପା ହୋଇ ଅନୁଦାନ ଆସିଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟ କରାଇବା ପାଇଁ ଆନ୍ତରିକତା ଦେଖାଉନାହାନ୍ତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ପ୍ରକଳ୍ପଗୁଡିକର କାମ ଶୀଘ୍ର କରିବାକୁ ନିର୍ଦ୍ଦେଶ ଦିଆନଯାଏ ତେବେ ଆଗାମୀ ଦିନରେ ହିତାଧିକାରୀଙ୍କ ପକ୍ଷରୁ ବ୍ଲକ ଅଫିସରେ ଧାରଣାରେ ବସିବେ ବୋଲି ଚେତାବନୀ ଦିଆଯାଇଛି।



# ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

**ତାଳଚେର, ୧୦।୧(ସମିସ):** ତାଳଚେର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଉପଖଣ୍ଡରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଡେପୁଟି କଲେକ୍ଟର ଅନିଲ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।



ସଭାରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କୈଳାସ ବେହେରା କୃତଜ୍ଞତା ଜ୍ଞାପନ କରିବା ସହ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ। ଏହା ପରେ ପୂର୍ବ ବର୍ଷର ବିବରଣୀ ପାଠ କରିବା ସହ ସଦସ୍ୟମାନଙ୍କ ମତାମତ ନିଆଯାଇ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ପ୍ରାତଃ ସମୟରେ ସହରରେ ରାମଧୂନ ପ୍ରଚାର କରାଯିବ। ଏହି କାର୍ଯ୍ୟ ସମ୍ପାଦନ କରିବାକୁ ନିର୍ବାହୀ ଅଧିକାରୀ, ତାଳଚେର ପୌରପାଳିକାଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ତତ ସଂଗେ ସଂଗେ ଅଭ୍ୟାସ ପରେଡ ଏବଂ ମୁଖ୍ୟ ଉତ୍ସବ ଜାନୁଆରୀ ୨୬ରେ ଦୁଇଗୋଟି ପାଣି ଟ୍ୟାଙ୍କର ଯୋଗାଇ ଦେବ। ଛାତ୍ରଛାତ୍ରୀଙ୍କ ନିମନ୍ତେ ପୃଥକ ଭାବେ ଉଠା ଶୌଚାଳୟ କଲେଜ ପଡିଆରେ ସ୍ଥାପନ କରିବାକୁ ପ୍ରତିଶୃତି ପ୍ରଦାନ କରିଥିଲେ। ଆସନ୍ତା ୧୨/୧୩ତାରିଖ ଦୁଇଦିନ ଯୁବରାଜ ଉଚ୍ଚ ବିଦ୍ୟାଳୟଠାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶାତ୍ମବୋଧ ସଂଗୀତ, ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ ଇତ୍ୟାଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୨୨/୨୪ ତାରିଖ ଦୁଇଦିନ ଅଭ୍ୟାସ ପରେଡ ତାଳଚେର କଲେଜ ପଡିଆରେ ଅନୁଷ୍ଠିତ ହେବ। ୨୬ତାରିଖ ପ୍ରତ୍ୟୁଷରୁ ସହରରେ ଥିବା ବରପୁତ୍ରମାନଙ୍କ ଠାରେ ପୁଷ୍ପମାଲ୍ୟ ପ୍ରଦାନ ନିମନ୍ତେ ଡେପୁଟି କଲେକ୍ଟର ଅନିଲ ପାଣିଗ୍ରାହୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ପୌର ଅଧିକାରୀ ଏହି କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା ଏବଂ କଲେଜ ପଡିଆରେ ଠିକ ୯.୧୫ ମିନିଟରେ ମୁଖ୍ୟ ଅତିଥି ଭାବେ ତାଳଚେର ଉପଜିଲ୍ଲାପାଳ ମନୋଜ ତ୍ରିପାଠୀ ଜାତୀୟ ପତାକା ଉତ୍ତୋଳନ କରି ପରେଡ ନିରୀକ୍ଷଣ, ସମ୍ଭାଷଣ, ପୁରସ୍କାର ବିତରଣ, ମିଷ୍ଟାନ ବଣ୍ଟନ ଇତ୍ୟାଦି କାର୍ଯ୍ୟକ୍ରମରେ ସାମିଲ ହେବେ ଏବଂ ଏହି ଜାତୀୟ କାର୍ଯ୍ୟକ୍ରମରେ ତାଳଚେର ଅଞ୍ଚଳର ସମସ୍ତ ଜନସାଧାରଣ ଯୋଗ ଦେବାକୁ ଅନୁରୋଧ କରାଯାଇଥିଲା। ଏହି ସଭାରେ ବଳୟ ଦେହୁରୀ, ନିର୍ବାହୀ ଅଧିକାରୀ, ପୌରପାଳିକା ତାଳଚେର, ଅରୁଜିତ, ସିଭିଲ ଡିଫେନ୍ସ ଇନ୍ସପେକ୍ଟର, ତାଳଚେର, ଡ଼କ୍ଟର ରଶ୍ମିରଞ୍ଜନ ମିଶ୍ର, ଆଡଭୋକେଟ ପେସ୍କାର ଗଡ଼ନାୟକ, ସମାଜସେବୀ କ୍ଷୀରୋଦ ସାହୁ, ବାଉରୀବନ୍ଧୁ ବେଜ, ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

# ଓଏଚ୍‌ପିସି ଇଣ୍ଟର ୟୁନିଟ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ରେଙ୍ଗାଳି ୧୦।୧(ସମିସ) :** କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓଏଚପିସି ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ଇଣ୍ଟର ୟୁନିଟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ମଙ୍ଗଳବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଏଚପିସିର ପରିଚାଳନା ନିର୍ଦ୍ଦେଶକ ଅମରେଶ କୁମାର ଯୋଗ ଦେଇ ପ୍ରତିଯୋଗିତା ଉଦଘାଟନ କରିଥିଲେ। ରେଙ୍ଗାଳି ୟୁନିଟର ବରିଷ୍ଠ ସାଧାରଣ ପରିଚାଳକ ରଂଜନ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବନ୍ଧ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା ଓ ସାଧାରଣ ପରିଚାଳକ ସରୋଜ ବହିଦାର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ରେଙ୍ଗାଳି ପାୱାର ପ୍ରୋଜେକ୍ଟ ୱାର୍କର ୟୁନିଅନ ପକ୍ଷରୁ ସାଧାରଣ ସମ୍ପାଦକ ବିରେଶ ଚନ୍ଦ୍ର ପତି ପରିଚାଳନା ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ସଭା ପରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହାପରେ ମୁଖ୍ୟ ଅତିଥି ଫିତା କାଟି ଆନୁଷ୍ଠାନିକ ଭାବେ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦଘାଟନ କରିଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଥିବା ୮ ଟି ପ୍ରକଳ୍ପର ମହିଳା ଓ ପୁରୁଷ ଖେଳାଳିଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ମହିଳା ବିଭାଗରେ ଅପର କୋଲାବର ଶିଲ୍ପା ସିଂ ଟୁଡୁ, ସରିତା ଡାଙ୍ଗୁଆଙ୍କ ଯୋଡ଼ି ସହ ଅପର ଇନ୍ଦ୍ରାବତୀର ସାଇଗୀତା ମାରାଣ୍ଡି, ମମତା ବେହେରାଙ୍କ ଯୋଡ଼ି ସହିତ ହୋଇଥିଲା। ଏଥିରେ ଅପର କୋଲାବ ଦଳ (୧୫-୨୧, ୨୧-୧୬ ଓ ୨୧-୮) ପଏଣ୍ଟ ବ୍ୟବଧାନରେ ବିଜୟୀ ହୋଇଥିଲା। ସେହିପରି ପୁରୁଷ ବିଭାଗରେ ମଧ୍ୟ ଅପର କୋଲାବ ଦଳ ଅପର ଇନ୍ଦ୍ରାବତୀ ଦଳକୁ (୧୬-୨୧, ୨୧-୧୨, ୧୪-୨୧) ରେ ପରାସ୍ତ କରି ବିଜୟୀ ହୋଇଥିଲା। ଦିଲୀପ କିଷାନ ଓ ଗଣେଶ ପଣ୍ଡା ମ୍ୟାଚ ପରିଚାଳନା କରିଥିବା ବେଳେ ଓଏଚପିସି ସମସ୍ତ ଯନ୍ତ୍ରୀ, କର୍ମଚାରୀ ସହଯୋଗ କରିଥିଲେ।

# ଗାଈଗୋରୁଙ୍କ ଚରାଭୂଇଁ ପାଲଟିଛି କୋଇଲା ନଗରୀ

**ତାଳଚେର, ୧୦।୧(ସମିସ)**



ବଢୁଛି ଦୁର୍ଘଟଣା, ପ୍ରତିକାର ପାଇଁ ଦାବି

ତାଳଚେର ଅଞ୍ଚଳର ବିଭିନ୍ନ ମୁଖ୍ୟରାସ୍ତା ବୁଲା ଗାଈଗୋରୁଙ୍କ ଚରାଭୂଇଁ ପାଲଟିଛି। ଏବେ ଯେଉଁ ଆଡ଼କୁ ଗଲେ ପଲପଲ ଗାଈ ରାସ୍ତାରେ ବୁଲିବା ସହ ଶୋଇ ରହୁଛନ୍ତି। ଫଳରେ ଏହି ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି। ଅନେକ ସମୟରେ ଗମନାଗମନ ବେଳେ ରାସ୍ତାଜାମ୍ ଓ ଦୁର୍ଘଟଣା ଭଳି ପରିସ୍ଥିତ ସୃଷ୍ଟି ହେଉଥିବାରୁ ଯାତ୍ରୀମାନେ ଆହତ ହେଉଛନ୍ତି। ତାଳଚେର ପୌର ପରିଷଦର ଜନସଂଖ୍ୟା ମାତ୍ରାଧିକ ବୃଦ୍ଧି ପାଉଥିବା ବେଳେ ରାସ୍ତାର ସ୍ଥାନେ ସ୍ଥାନେ ବିଭିନ୍ନ କିସମର ବ୍ୟବସାୟିକ ସଂସ୍ଥା ମଧ୍ୟ ଗଢ଼ି ଉଠିଛି। ଗାଈଗୋରୁଙ୍କ ଚଳପ୍ରଚଳ ଯୋଗୁଁ ପୌରରାସ୍ତା ସମ୍ପୂର୍ଣ୍ଣ ବିପଦପୂର୍ଣ୍ଣ ହୋଇପଡ଼ିଛି। ଏଭଳି ପରିସ୍ଥିତିରେ ବିଭିନ୍ନ ୱାର୍ଡର ମୁଖ୍ୟ ରାସ୍ତା ଶହଶହ ଗୋରୁଗାଈ ଓ କୁକୁରଙ୍କ ବିଶ୍ରମସ୍ଥଳୀ ପାଲଟିଛି। ଗାଈଗୋରୁଙ୍କ ମଳମୂତ୍ରରେ ରାସ୍ତା ପରିବେଶ ଦୁର୍ଗନ୍ଧମୟ ହୋଇପଡୁଛି। ତାଳଚେର ବଡ଼ବଜାର, ବଡ଼ଦାଣ୍ଡସାହି, ମେଡିକାଲ ଛକ, ଫାଷ୍ଟଗେଟ୍, ପବିତ୍ରମୋହନ ଛକ, ବାଇପାସ୍ ଜାତୀୟ ରାଜପଥ, ହାଟତୋଟା, ଶର୍ମାଛକ, ହାଣ୍ଡିଧୂଆଁ ଛକ, ଜାମ୍ବୁବଣିଆ, ପଶ୍ଚିମେଶ୍ୱର ଯିବା ରାସ୍ତା ଆଦିରେ ଗାଈଗୋରୁଙ୍କ ଚଳପ୍ରଚଳ ଓ ବିଶ୍ରାମସ୍ଥଳୀ ପାଲଟିଥିବା ଯୋଗୁଁ ଯାତାୟାତରେ ଘୋର ବାଧାପ୍ରାପ୍ତ ହେଉଛି। ଗାଈ ପାଳୁଥିବା ମାଲିକମାନେ କ୍ଷୀର ସଂଗ୍ରହ କରି ବାହାରକୁ ଛାଡ଼ି ଦେଉଛନ୍ତି। ପୂର୍ବରୁ ବୁଲା ଗୋରୁ ରାସ୍ତାରେ ବୁଲିଲେ ସେମାନଙ୍କୁ ଧରି କାଞ୍ଜିଆହୁଦାରେ ଭର୍ତ୍ତି କରାଯାଇ ମାଲିକଙ୍କ ଠାରୁ ଜରିମନା ଆଦାୟ କରାଯାଉଥିଲା। ଆଜି ସେଭଳି ପରିସ୍ଥିତ ନାହିଁ। ଫଳରେ ରାସ୍ତାରେ ବୁଲା ଗାଈଙ୍କ ଅକ୍ତିଆର ଦିନକୁଦିନ ଅସହ୍ୟ ହୋଇପଡୁଛି। ତାଳଚେରରେ ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଥିବାରୁ ସନ୍ଧ୍ୟା ସମୟରେ ରାସ୍ତାରେ ଗାଈ ଶୋଇ ରହୁଛନ୍ତି ବାଟୋଇମାନେ ଏହାକୁ ଦେଖିନପାରି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି।

ଏଥିନେଇ ସହରରେ ଅସ୍ୱାସ୍ଥ୍ୟକର ପରିବେଶ ଓ ବିପର୍ଯ୍ୟସ୍ତ ଅବସ୍ଥା ସୃଷ୍ଟି ହେଉଛି। ରାସ୍ତାର ଉଭୟ ପାର୍ଶ୍ୱରେ ଘରର ଉପକରଣ ସାମଗ୍ରୀ ମାସ ମାସ ଧରି ଲୋକେ ପକାଇ ରଖି ରାସ୍ତା ଅବରୋଧ କରିଛନ୍ତି। ରାସ୍ତା ପାର୍ଶ୍ୱରେ ଗାଈଗୋରୁଙ୍କ ଗୋବର ଓ ଆବର୍ଜନା ଗଦାଗଦା ଏଣେତେଣେ ପଡ଼ି ରହିବା ଫଳରେ ପରିବେଶ ଅଧିକ ଦୂଷିତ ହେଉଛି। କଳ କାରଖାନା ସୃଷ୍ଟି ଯୋଗୁ ବହୁ ଚାରଣ ଭୂମି ହ୍ରାସ ପାଇବାରେ ଲାଗିଛି। ଏପରି ଅଞ୍ଚଳରେ ଥିବା ଗୋଚର ଜମିଗୁଡିକ ଏବେ ଜବରଦଖଲକାରୀଙ୍କ କବଜାରେ ରହିଛି। ଗାଈ ଗୋରୁଙ୍କ ଚଲାବୁଲା ପାଇଁ ଚାରଣ ଭୂମିର ଅଭାବ ରହୁଛି। ଫଳରେ ଗାଈଗୋରୁ ସବୁ ରାସ୍ତାମୁହିଁ ହେଉଛନ୍ତି।

ସେହିପରି କେତେକ ଲୋକ ଗୁହାଳରେ ଗାଈଠାରୁ କ୍ଷୀର ସଂଗ୍ରହ କରିବା ପରେ ଗାଈ ଗୁଡିକୁ ବାହରକୁ ଛାଡ଼ି ଦେଉଛନ୍ତି। ଆଗାମୀ ଦିନରେ ଏହାର ସ୍ଥାୟୀ ସମାଧାନ କରା ନ ଗଲେ ଗୋରୁ ସଂଖ୍ୟା ଧୀରେ ଧୀରେ ହ୍ରାସ ପାଇବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ADMISSION IS GOING ON

GAYATRI SCHOOL & COLLEGE OF NURSING

Under Gayatri Charitable Trust, Baripada

For the Course : ANM, GNM & B.Sc. Nursing

B.Sc. Nursing

Eligibility: +2 Science with Biology (PCB)

ANM & GNM

(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category

Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks.

Contact

Sd/- Secretary

9438477846/9438160121/9337006245

# ସ୍ତ୍ରୀଙ୍କୁ ସ୍ୱାମୀର ନିର୍ଯାତନା ନେଇ ଥାନାରେ ଅଭିଯୋଗ

**ଛେଣ୍ଡିପଦା,୧୦।୧(ସମିସ):** ଅନୁଗୋଳ ଜିଲାଲ୍ଲା ଛେଣ୍ଡିପଦା ବ୍ଲକ ଜରପଡ଼ା ଥାନା ଅଞ୍ଚଳରେ ଜନୈକା ବିବାହିତା ମହିଳାଙ୍କୁ ସ୍ୱାମୀ ଆକ୍ରମଣ କରିଥିବା ନେଇ ସେ ଜରପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାରୁ ଜଣାପଡେ ଯେ, ଜରପଡ଼ା ଥାନା ଅନ୍ତର୍ଗତ ପରା ଗ୍ରାମର ଅମର ସାହୁ ଆଜକୁ ୨୧ବର୍ଷରୁ ଅଧିକ ହେବ ରୁନା ସାହୁଙ୍କୁ ବିବାହ କରିଥିଲେ। ବିବାହର କିଛି ବର୍ଷ ବିତିଯାଇଥିଲେ ମଧ୍ୟ ସ୍ୱାମୀ ବିଭିନ୍ନ ସମୟରେ ସ୍ତ୍ରୀ ରୁନାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏପରିକି ବାପଘର ଦେଇଥିବା ସମସ୍ତ ସୁନା ଗହଣା ଓ ଆସବାବପତ୍ରକୁ ସ୍ୱାମୀ ବିକ୍ରି କରି ସ୍ତ୍ରୀଙ୍କୁ ନିର୍ଯ୍ୟାର୍ଯାତନା ଦେଇଥିଲେ। ତେଣୁ ସ୍ତ୍ରୀ ବାଧ୍ୟ ହୋଇ ଘର ବାହାରେ ରହୁଛନ୍ତି। ଏନେଇ ରୁନା ଜରପଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଜରପଡ଼ା ଥାନା ପୁଲିସ କେସ ନଂ ୧୦/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ।

# ମରାଡିରା ହାଟରୁ ମୋଟରସାଇକଲ୍ ଚୋରି

**ଛେଣ୍ଡିପଦା,୧୦।୧(ସମିସ):** ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ଅନ୍ତର୍ଗତ ମରାଡିରା ହାଟରୁ ଏକ ମୋଟର ସାଇକଲ ଚୋରି ହୋଇଥିବା ନେଇ ଜରପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ଉକ୍ତ ଥାନା ଅନ୍ତର୍ଗତ ସାଆନ୍ତାରାପୁର ଗ୍ରାମର ରଂଜିତ ଗୋଛାୟତ ସକାଳ ୧୦ଟାରେ ନିଜ ମୋଟର ସାଇକଲ (ଓଡି୦୬ ଏଫ ୦୫୫୨)ରେ ମରାଡିରା ସାପ୍ତାହିକ ହାଟକୁ ହାଟ ସଉଦା ପାଇଁ ଯାଇଥିଲେ। ହାଟର ରାଜପଥ ପାର୍ଶ୍ୱରେ ମୋଟର ସାଇକଲକୁ ରଖି ସଉଦା କରିଥିଲେ। ସଉଦା ସାରି ମୋଟର ସାଇକଲ ପାଖକୁ ଆସିବାରୁ ସେଠାରେ ମୋଟର ସାଇକଲଟି ନଥିବା ଦେଖିବାକୁ ପାଇଥିଲେ। ଆଖ ପାଖରେ ଖୋଜାଖୋଜି କରି ନ ପାଇବାରୁ ରଂଜିତ ମୋଟର ସାଇକଲଟି ଚୋରି ହୋଇଥିବା ନେଇ ଜରପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଜରପଡ଼ା ଥାନା କେସ ନଂ ୧୨/୨୪ରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଦୁଇ ପରିବାର ମଧ୍ୟରେ ମାରପିଟ୍; ଥାନାରେ ଅଭିଯୋଗ

**ଛେଣ୍ଡିପଦା,୧୦।୧(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଜରପଡ଼ା ଥାନା ଅନ୍ତର୍ଗତ ତୁକୁଡ଼ା ମାହାର ସାହିରେ ଦୁଇ ପରିବାର ମଧ୍ୟରେ ମାରପିଟ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ତୁକୁଡ଼ା ମାହାର ସାହିର ଗୁରୁବାରୀ ମାହାରଙ୍କ ପରିବାରର ସଦସ୍ୟଙ୍କୁ ପଡ଼ୋଶୀ ସନ୍ତ ମାହାର ଠେଙ୍ଗାରେ ବାଡ଼େଇ ସମସ୍ତଙ୍କୁ ମାରିଦେବା ପାଇଁ ଧମକ ଦେଇଥିଲେ। ଏପରିକି ଗୁରୁବାରୀଙ୍କର ପୁଅ ଦୁହ୍ଲବ ମାହାରକୁ ଦଉଡ଼ାରେ ବାନ୍ଧି ମାଡ଼ ମାରିଛନ୍ତି। ସନ୍ଥ ମାହାରଙ୍କ ସହ ସଞ୍ଜୀୟ ମାହାର, ଶ୍ୟାମ ମାହାର ମିଶି ମାଡ଼ମାରି ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏନେଇ ଗୁରୁବାରୀ ଜରପଡ଼ା ଥାନାରେ ଏକ ଲଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଜରପଡ଼ା ଥାନା କେସ ନଂ ୧୧/୨୪ରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ଆଠମଲ୍ଲିକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ହ୍ୟୁମାନ୍ ସାଗରଙ୍କ ଗୀତରେ ଝୁମିଲେ ଦର୍ଶକ








**ଆଠମଲ୍ଲିକ,୧୦।୧(ସମିସ)**

ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ଉପଖଣ୍ଡରେ ଆଠମଲ୍ଲିକ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଅନୁଗୁଳ ସଦାଶିବ ନାୟକ, ସମ୍ମାନିତ ଅତିଥି ଭାବେ ଅନୁଗୁଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅନୁଗୁଳ ଏସପି ସୁଧାଂଶୁ ଶେଖର ମିଶ୍ର, ଆଠମଲ୍ଲିକ ଡିଏଫଓ ସନ୍ତୋଷ କୁମାର କାପୁଲା ମଞ୍ଚାସୀନ ଥିଲେ । ପ୍ରଥମେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ତତ୍ ପରେ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଆଠମଲ୍ଲିକ ହେଉଛି କଳା, ଐତିହ୍ୟ ଓ ସଂସ୍କୃତିର ମାଟି ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ହ୍ୟୁମାନ ସାଗର, ଅନୁଗୁଳିଆ ବଣ୍ଟି, ଅରିନ୍ଦମ ଚକ୍ରବର୍ତ୍ତୀ ଙ୍କ କଳାରେ ଝୁମିଥିଲେ ଦର୍ଶକ । ଭିଜି ଭିଜି ମେଘ, ପରିଦେଶିଆ ରାଜା, ରିମ ଝିମ ପାଣି ବର୍ଷୁଥିଲା, ଆଇ ଲାଲ ମୋର ଫୁଲେଇ ରାଣୀ, ଜାନୁ ତୁମେ ଚମୁକୁଛ... ଏଇ ଗୀତରେ ପଡ଼ିଆ ଦୁଲକି ଥିଲା । ଉପଜିଲ୍ଲାପାଳ ଅତିଥି ପରିଚୟ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ । ଆଠମଲ୍ଲିକର ଧବଳେଶ୍ୱର ଦଣ୍ଡ ନୃତ୍ୟ ଏବଂ ଆହୁରି କଳା ପ୍ରଦର୍ଶନ କରାଯାଇଥିଲା । ଆଠମଲ୍ଲିକର ସହକାରୀ ଜିଲ୍ଲାପାଳ ସୁଜିତ କୁମାର ଭୋଇ, ବିଡ଼ିଡିଓ ସୌଭାଗ୍ୟ ବେହେରା, ତହସିଲଦାର ଶ୍ୟାମ ସୁନ୍ଦର ସାହୁ, ଏସିଏସଓ ଶିବାଶିଷ ଜେନା, ଏନଏସି ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଆଠମଲ୍ଲିକ ଏନଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ଓକିଲ ସଙ୍ଘ ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ସମେତ ବହୁ ସରକାରୀ ଅଧିକାରୀ, ଆଠମଲ୍ଲିକର ବହୁ ଦର୍ଶକଙ୍କ ସମାଗମ ହୋଇଥିଲା । ମଞ୍ଚ ପରିଚାଳନା କରିଥିଲେ ଏ ଆର ଆରାଧନା।

# ଶିକ୍ଷାବିତ୍ କୈଳାସ ଚନ୍ଦ୍ର ସାହୁଙ୍କ ବିୟୋଗରେ ଶୋକ



**କଣିହାଁ /ପବିତ୍ର ନଗର, ୧୦।୧(ସମିସ)**

କଣିହାଁ ବ୍ଲକ ସମଲ ଥାନା ଅନ୍ତର୍ଗତ କୁଲେଇ ଗ୍ରାମ ପଞ୍ଚାୟତ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ସାହୁ (୯୨)ଙ୍କ ବୁଧବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କର ବାର୍ଦ୍ଧକ୍ୟ ଜନିତ କାରଣରୁ ପ୍ରାୟ ଦୁଇ ମାସ ହେବ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇଥିଲା। ସେ ଶିକ୍ଷକ ପଦବୀରୁ ଅବସର ପରେ ବିଭିନ୍ନ ସାମାଜିକ, ଧାର୍ମିକ କାର୍ଯ୍ୟ ଏବଂ ପଞ୍ଚାୟତବାସୀଙ୍କ ସ୍ୱାର୍ଥ ସାଧନା ପାଇଁ ବିଜେଡି ରେ ଯୋଗଦେଇ କୁଲେଇ ଗ୍ରାମ ପଞ୍ଚାୟତର ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କର ମୃତ୍ୟୁ ସୂଚନା ପାଇ ସମଲ କୁଲେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଯାଇଥିଲା । ପାଲାଲହଡ଼ା ବିଧାୟକ ମୁକେଶ କୁମାର ପାଲ ଓ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହିତ ତାଙ୍କ ଆତ୍ମା ସଦାଗତି କାମନା କରିଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁତ୍ର, କନ୍ୟା, ପୁତ୍ର ବଧୂ, ନାତି ନାତୁଣୀ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।



## ଯୋରନ୍ଦା ଧାନମଣ୍ଡିରେ ଧାନକ୍ରୟର ଶୁଭାରମ୍ଭ



ଢେଙ୍କାନାଳ, ୧୦।୧ (ସମିସ): ଗଁଦିଆ ବ୍ଲକ ଅନ୍ତର୍ଗତ ଯୋରନ୍ଦା ସେବା ସମବାୟ ସମିତିରେ ଧାନ ମଣ୍ଡିର ଶୁଭାରମ୍ଭ ହୋଇଯାଇଛି। ବିଧାୟକ ସୁଧୀର କୁମାର ସାମଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମବାୟ ସମିତିର ସଭାପତି ଚିତ୍ତରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ସମବାୟ ଉପ ନିବନ୍ଧକ ସରୋଜିନୀ ଜେନା, ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରତାପ କୁମାର ମଲ୍ଲିକ, ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କ ପରିଚାଳକ ସିଦ୍ଧପ୍ରଜ୍ଞ ନାୟକ, କାବେରା ସରପଞ୍ଚ ମମତା ମହାନ୍ତି, ସମାଜ ସେବୀ ପ୍ରକାଶ ନାୟକ ସମବାୟ ସମିତିର ସମ୍ପାଦକ ଭାଗିରଥୀ ବେହେରା, ସମବାୟ ସମିତି ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି, ବିଜୟ କୁମାର ପ୍ରଧାନ, ହେମନ୍ତ କୁମାର ରାଉଳ, ଆଲୋକ ରଞ୍ଜନ ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୨୨ଜଣ ଚାଷୀଙ୍କଠାରୁ ୪୧୪ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା। ଅନ୍ନପୂର୍ଣ୍ଣା ରାଇସ୍ ମିଲ ପକ୍ଷରୁ ଧାନ କ୍ରୟ କରାଯାଇଥିବା ବେଳେ ସମବାୟ କର୍ମଚାରୀ ଶୁଭମ କୁମାର ନାୟକ, ବିଶ୍ୱରଞ୍ଜନ ମଲ୍ଲିକ ପ୍ରମୁଖ ପରିଚାଳନାରେ ସହାୟକ କରିଥିଲେ।

# ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଛାତ୍ରଛାତ୍ରୀଙ୍କ ଧାରଣା

ଢେଙ୍କାନାଳ, ୧୦।୧ (ସମିସ):



ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ଗହମଖୁଣ୍ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ଦାବିରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଛନ୍ତି। ଫଳରେ କପିଳାସ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିଦ୍ୟାଳୟର ଶିକ୍ଷୟିତ୍ରୀ ଦିପ୍ତୀମୟୀ ବେଉରାଙ୍କୁ ଜିଲ୍ଲା ଶିକ୍ଷା ବିଭାଗ ଅନ୍ୟତ୍ର ବଦଳି କରିଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶିକ୍ଷୟିତ୍ରୀ ଶ୍ରୀମତୀ ବେଉରା ଜଣେ ଉତ୍ତମ ଶିକ୍ଷୟିତ୍ରୀ ଓ ସମୟାନୁବର୍ତ୍ତିତା ହୋଇଥିବାରୁ ଛାତ୍ରଛାତ୍ରୀମାନେ ତାଙ୍କଠାରୁ ଭଲ ଶିକ୍ଷା ଲାଭ କରିଥାନ୍ତି। କିନ୍ତୁ ହଠାତ୍ ତାଙ୍କର ଅନ୍ୟତ୍ର ବଦଳି ହୋଇଥିବାରୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ଖବର ପାଇ ବ୍ଲକ ଶିକ୍ଷାଧିକାରୀ ବ୍ରହ୍ମାନନ୍ଦ ରାଉତ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ବ୍ୟାଙ୍କ ସଖୀଙ୍କ ସମସ୍ୟା ନେଇ ଦାବିପତ୍ର

ଢେଙ୍କାନାଳ,୧୦।୧(ସମିସ): ଢେଙ୍କାନାଳ ଜିଲ୍ଲାରେ ମିଶନ ଶକ୍ତି ଜରିଆରେ ପଞ୍ଚାୟତସ୍ତରୀୟ ବ୍ୟାଙ୍କ ସଖୀମାନେ କାର୍ଯ୍ୟକରୁଥିବା ବେଳେ ଗ୍ରାମ ପଞ୍ଚାୟତରେ ଖୋଲିବାକୁ ଯାଉଥିବା ବ୍ୟାଙ୍କିଙ୍ଗ ଆଉଟଲେଟରେ ସଖୀମାନଙ୍କୁ ନିୟୋଜିତ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ମିଶନ ଶକ୍ତି ଜରିଆରେ ଜିଲ୍ଲାରେ ଥିବା ବିଭିନ୍ନ ପଞ୍ଚାୟତରେ ବ୍ୟାଙ୍କ ସଖୀମାନେ କାର୍ଯ୍ୟ କରୁଛନ୍ତି। ସଖୀମାନେ କରୋନା ସମୟରେ କାର୍ଯ୍ୟ କରିବା ସହିତ ବ୍ୟାଙ୍କରେ ଲୋକମାନଙ୍କର ଟଙ୍କା ଉଠାଣ, ଟଙ୍କା ଜମା, ବାଲାନ୍ସ ଚେକ, ସ୍ୱାସ୍ଥ୍ୟ ଏବଂ ଜୀବନ ବୀମା, ମୋବାଇଲ ଏବଂ ଡିଟିଏଚ୍ ରିଚାର୍ଜ ଭଳି ଅନେକ କାର୍ଯ୍ୟ କରିବା ସହିତ ଘରକୁ ଘର ବୁଲି ଭତ୍ତା ଟଙ୍କା ଉଠାଇବାରେ ସାହାଯ୍ୟ କରୁଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ଯେଉଁ ସିଏସପି ଖୋଲାଯିବା ପାଇଁ ସ୍ଥିର ହୋଇ ସେଠାରେ ସେହି ସ୍ଥାନରେ ବ୍ୟାଙ୍କ ସଖୀମାନଙ୍କୁ ନିଯୁକ୍ତି ଦେବାକୁ ଦାବି କରାଯାଇଛି। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ବ୍ୟାଙ୍କ ସଖୀ ଇନ୍ଦୁମତି ପଣ୍ଡା, ରୀନା ପାତ୍ର, ଶୁଭାସିନୀ ନାୟକ, ଚିନ୍ମୟୀ ମହାନ୍ତି, ଝରଣା ସାହୁ, କ୍ଷରୋଦିନୀ ମହନ୍ତ, ଅବନ୍ତି ବେହେରା ପ୍ରମୁଖ ଦାବି କରିଛନ୍ତି।

# ବିଦ୍ୟାଳୟଭିତ୍ତିକ ମାନ ନିର୍ଦ୍ଧାରଣ ସମ୍ପର୍କିତ ଶିକ୍ଷକ ପ୍ରଶିକ୍ଷଣ




ଢେଙ୍କାନାଳ, ୧୦।୧ (ସମିସ): ସଦର ବ୍ଲକ ଅନ୍ତର୍ଗତ ଶଙ୍କରପୁର ଉପ୍ରା ବିଦ୍ୟାଳୟଠାରେ 'ବିଦ୍ୟାଳୟଭିତ୍ତିକ ମାନ ନିର୍ଦ୍ଧାରଣ ସମ୍ପର୍କିତ ତ୍ରିଦିବସିୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଜାନୁୟାରୀ ୮ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମାନ ନିର୍ଦ୍ଧାରଣ ଏବଂ ମୂଲ୍ୟାୟନର ଆବଶ୍ୟକତା, ବିଦ୍ୟାଳୟ ଭିତ୍ତିକ ମାନ ନିର୍ଦ୍ଧାରଣ, ପାଠ୍ୟକ୍ରମର ଲକ୍ଷ୍ୟ, ଦକ୍ଷତା ଓ ଶିକ୍ଷଣ ଫଳାଫଳ ସହିତ ମାନ ନିର୍ଦ୍ଧାରଣର ସମ୍ପର୍କ, ମାନ ନିର୍ଦ୍ଧାରଣ ନିମନ୍ତେ ବିଭିନ୍ନ କୌଶଳ ଓ ସାଧନୀ, ବିଭିନ୍ନ କୌଶଳ ଓ ସାଧନିର ପ୍ରସ୍ତୁତି ଓ ଉପସ୍ଥାପନ, ତଥ୍ୟର ପ୍ରୟୋଗ, ସାମଗ୍ରିକ ପ୍ରଗତିପତ୍ରର ଆବଶ୍ୟକତା, ରୂପରେଖ ଓ ବ୍ୟବହାର ଆଦି ସମ୍ପର୍କରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରାଗଲା। ବିଆରସିସି ଦେବବ୍ରତ ନାଥଙ୍କ ତତ୍ତ୍ୱାବଧାନରେ ସିଆରସିସି ଦିଲ୍ଲୀପ ପଣ୍ଡା, ନୃସିଂହ ଚରଣ ପତି, ବଂଶୀଧର ଦାସ ଓ ଶିକ୍ଷୟିତ୍ରୀ ଶୋଭାଶ୍ରୀ ଦଳେଇ ସାଧନ କର୍ମୀଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ସଦର ବିଇଓ ବ୍ରହ୍ମାନନ୍ଦ ରାଉତ ଶିବିର ପରିଦର୍ଶନ କରି ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରଶିକ୍ଷଣ ଲବ୍ଧଜ୍ଞାନକୁ ଶ୍ରେଣୀ କକ୍ଷରେ ଉପଯୋଗ କରିପାରିଲେ ଶିବିର ଆୟୋଜନ ସାର୍ଥକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଶିବିରରେ ୫୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଅନୁରୂପ ଭାବେ ସିଆରିଆ ଉପ୍ରା ବିଦ୍ୟାଳୟ, କାଇମାଟି ଉଚ୍ଚ ବିଦ୍ୟାଳୟ ଓ ବାପୁଜୀ ଉପ୍ରା ବିଦ୍ୟାଳୟ ଆଦି ୪ଟି ବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇ ୪୦୦ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ବିଶ୍ୱରଞ୍ଜନ ମହାରଣା, ପଞ୍ଚାନନ ସୁନ୍ଦରପାଣି, ସାଧନା ମହାନ୍ତି, ପ୍ରିୟମ୍ବଦା ପଣ୍ଡା, ଝସକେତନ ପ୍ରଧାନ, ପ୍ରଭାତି ବେହେରା, ଇଚ୍ଛାବତି ରାଉତ, ସୁଶାନ୍ତ ପାଢି, ପ୍ରମୋଦ ସାହୁ, ସଞ୍ଜୀବ ମହାପାତ୍ର ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀମାନେ ସାଧନ କର୍ମୀଭାବେ ଯୋଗଦେଇ ଶିବିରଗୁଡ଼ିକୁ ପରିଚାଳନା କରିଥିଲେ।

# ଉଫୁନା ପ୍ରତିଷ୍ଠା ଦିବସ ପାଳିତ




ଢେଙ୍କାନାଳ, ୧୦।୧ ସମିସ): ଉଫୁନା ପକ୍ଷରୁ ରଥଗଡ଼ାସ୍ଥିତ ଉଫୁନା କାର୍ଯ୍ୟାଳୟରେ ଉଫୁନା ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏଥିରେ ଉଫୁନାର ଅଧ୍ୟକ୍ଷ ତଥା ସର୍ବଭାରତୀୟ ଉପସଭାପତି ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପୂର୍ବତନ ସବିଆଇ ଜଜ୍ ଭିକାରୀ ଚରଣ ରାଉତ କହିଲେ ଯେ, ଉଫୁନାକୁ ୨୦୦୦ ମସିହାରେ ସୁପ୍ରିମ କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଗୋପାଳ ବଲ୍ଲଭ ପଟ୍ଟନାୟକ ଉଦ୍ଘାଟନ କରିଥିଲେ। ପରିବେଶବିତ୍ ଉପେନ୍ଦ୍ର ରାଉତ, ଉଫୁନାର ସାଧାରଣ ସମ୍ପାଦକ ବାହାଦୂର ପାଟସାହାଣୀ, ପିତବାସ ସାହୁ ବିଭିନ୍ନ ମତାମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ଶତପଥୀ, ଆଦିକନ୍ଦ ସାହୁ, ପ୍ରଫେସର ବିଶ୍ୱନାଥ ମହାପାତ୍ର, ଇଂ ଡମ୍ବରୁଧର ପଣ୍ଡା, ଗୋକୁଳ ପଣ୍ଡା, ବସନ୍ତ ବିଶ୍ୱାଳ, ସରୋଜ ଶତପଥୀ, ରୁଦ୍ରପ୍ରକାଶ ସରଣ, ଇଂ ଯୁଧିଷ୍ଠିର ସାହୁ, ଶ୍ରୀମତୀ ରୁମେନା ବେଗମ, ଡ. ପ୍ରମୋଦ ନାୟକ, ଦେବ ମିଶ୍ର, ଲକ୍ଷ୍ମୀଧର ବାରିକ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମାଜସେବୀ ସ୍ମିତାରାଣୀ ସାମଲ ଓ ପ୍ରସାଦ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଏସ୍ଏଚ୍‌ଜି ଗ୍ରୁପକୁ ସ୍କୁଟର୍ ବିତରଣ




ଭୁବନ,୧୦।୧(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଠାରେ ଅନୁଗୁଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ଦ୍ୱାରା ବ୍ଲକସ୍ତରୀୟ ସ୍କୁଟର ବିତରଣ ମେଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଯୋଜନା ଅନ୍ତର୍ଭୁକ୍ତ ଏସ୍ଏଚ୍‌ଜି ମହିଳାମାନଙ୍କ ଯାତାୟାତ ନିମନ୍ତେ ବିନା ସୁଧରେ ସ୍କୁଟି ବିତରଣ କରିବାର ସୁବିଧା ଯୋଗାଇ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ରାଜ୍ୟ ସରକାର ସର୍ବଦା ମହିଳାମାନଙ୍କ ସାମାଜିକ ଓ ଆର୍ଥିକ ବିକାଶ କରିବାକୁ ପ୍ରଯତ୍ନ ରହିଥିବା ଉଲ୍ଲେଖ କରିଥିଲେ।

ଏଥିସହିତ ମୁଖ୍ୟମନ୍ତ୍ରୀ ରାଜ୍ୟରେ ମହିଳାମାନଙ୍କ ଲାଗି ପ୍ରଣୟନ କରିଥିବା ମିଶନ ଶକ୍ତିଅନ୍ତର୍ଗତ ସମସ୍ତ ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ। ବ୍ଲକସ୍ତରୀୟ ଏହି ସ୍କୁଟର ବିତରଣ ମେଳାରେ ମୋଟ ୭୨ଟି ସ୍କୁଟି ବଣ୍ଟନ କରାଯାଇଥିଲା। ଅବିଭକ୍ତ ଢେଙ୍କାନାଳ ଜିଲ୍ଲାରେ ୫ହଜାର ସ୍କୁଟି ବଣ୍ଟନ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୩ଶହ ସ୍କୁଟର ବିତରଣ କରାଯାଇଛି। ଏହା ରାଜ୍ୟରେ ପ୍ରଥମ ବୋଲି ମନ୍ତ୍ରୀ କହିଥିଲେ। ଅନୁଗୋଳ ସମବାୟ ବ୍ୟାଙ୍କ ଅଧ୍ୟକ୍ଷ ସନ୍ତୋଷ କୁମାର ପ୍ରଧାନ ଏହାକୁ ସ୍ୱାଗତ କରିଥିବା ବେଳେ ଅନ୍ୟତମ ଅତିଥିଭାବରେ ଭୁବନ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ, ଅଭିମନ୍ୟୁ ବେହେରା, ବିଡିଓ ସନ୍ତୋଷ କୁମାର ପ୍ରଧାନ ପତାକା ଦେଖାଇ ସ୍କୁଟି ଚଳାଇବା ଶୁଭାରମ୍ଭ କରିଥିଲେ।

## ଆର୍ଆଇଙ୍କ ଅକାଳ ବିୟୋଗ

ଭୁବନ,୧୦।୧(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ମଠକରଗୋଳା ଗ୍ରାମର କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକଙ୍କ ଅକାଳ ବିୟୋଗ ଘଟିଛି। ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ



ମାୟାଧର ନାୟକଙ୍କ ସାନପୁଅ ତୁଳସୀ ପ୍ରସାଦ ନାୟକ ଓରଫ ପୀୟୂଷ କ୍ୟାନସର ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯିବା ସହିତ ତାଙ୍କ ଶେଷ ଦର୍ଶନ କରିବା ସହିତ ମନ୍ତ୍ରୀ ପ୍ରଫୁଲ କୁମାର ମଲିକଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କର ଏକ ଶିଶୁ କନ୍ୟାଟିଏ ରହିଛି।

# ଭୁବନ ବସ୍ ମାଲିକ ସଙ୍ଘର ବନ୍ଧୁମିଳନ

ଭୁବନ,୧୦।୧(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ଘରୋଇ ବସ୍ ମାଲିକ ଜନମଙ୍ଗଳ ସଙ୍ଘର ରୌପ୍ୟ ଜୟନ୍ତୀ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବସ ମାଲିକ ସଂଘ ସଭାପତି ନିରଞ୍ଜନ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ତଥା ରାଜ୍ୟ ଖଣି ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବ ଯୋଗଦେଇ ଯାତ୍ରୀଙ୍କୁ ଉତ୍ତମ ବ୍ୟବହାର, ପରିବହନ ସେବା ଓ ଯାତ୍ରୀଙ୍କ ସୁରକ୍ଷା ପ୍ରତି ମାଲିକମାନେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଜିଲ୍ଲା ପରିଷଦ ସଭ୍ୟ ତଥା ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ, ଡୁବୁରୀ କପିଳେଶ୍ୱର ବସ୍ ମାଲିକ ସଂଘ ସଭାପତି ପ୍ରମୋଦ କୁମାର ନାୟକ, କଟକ ମାଲିକ ସଂଘ ଉପସଭାପତି ପବିତ୍ର ମୋହନ ଖଟୁଆ ଯୋଗଦେଇଥିଲେ। ଅଜୟ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ଦିଲ୍ଲୀପ ଅଗ୍ରୱାଲ, ଉପଦେଷ୍ଟା କୁଞ୍ଜବିହାରୀ ଚିନିରାଙ୍କ ସମେତ ବସ୍ ମାଲିକମାନେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଭୁବନର ବିଶିଷ୍ଟ ବ୍ୟକ୍ତିମାନଙ୍କ ସମେତ ପ୍ରଶାସନିକ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




# ଦୁର୍ଗମ ଆଦିବାସୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ

ଢେଙ୍କାନାଳ, ୧୦।୧(ସମିସ):



ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ କନ୍ତୋଲ ପଞ୍ଚାୟତ ଦୁର୍ଗମ ଅଞ୍ଚଳ ପୁଟିପାଳ ଗ୍ରାମରେ ଜିଲ୍ଲା ଶିକ୍ଷା ବିଭାଗ ଓ କନ୍ତୋଲ ଉଚ୍ଚ ବିଦ୍ୟାଳୟର ମିଳିତ ସହଯୋଗରେ ଶିକ୍ଷା ସଚେତନତା ଓ ଛାତ୍ରଛାତ୍ରୀମାନଙ୍କୁ ପୋଷାକ ବିତରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସସ୍ମିତା ସାହୁ, ବିଡିଓ ସାଗର ଟୁଡୁ, କନ୍ତୋଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଶେଶ୍ୱର ମିଶ୍ରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଉକ୍ତ ଗ୍ରାମରେ ସରକାରଙ୍କ ପକ୍ଷରୁ ନିଯୁକ୍ତ ୨ଜଣ ଶିକ୍ଷକଙ୍କ ଦ୍ୱାରା ପରିଚାଳିତ ପଠନ କେନ୍ଦ୍ରରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ସାହୁ ମଧ୍ୟାହ୍ନଭୋଜନ ସମୟରେ ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଛାତ୍ରଛାତ୍ରୀଙ୍କର ପାଠପଢ଼ା ଓ ଅନ୍ୟାନ୍ୟ ଅସୁବିଧା ବିଷୟରେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ପିଲାମାନଙ୍କୁ ନିୟମିତ ବିଦ୍ୟାଳୟ ପଠାଇବା ପାଇଁ ପରାମର୍ଶ ଦେଇଥିଲେ। ଗ୍ରାମରେ ପ୍ରାଥମିକ ଶିକ୍ଷା ସମାପ୍ତ ପରେ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ କନ୍ତୋଲ ଉଚ୍ଚ ବିଦ୍ୟାଳୟରେ ପିଲାମାନଙ୍କର ନାମ ଲେଖାଇ ଛାତ୍ରାବାସରେ ରହି ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସମସ୍ତ ସୁବିଧା ନେବାକୁ ପରାମର୍ଶ ଦେଇଥିଲେ। ଗତ ୨୦୨୩ ଡିସେମ୍ବର ୨୨ ରୁ ଉତ୍ତର ପ୍ରଦେଶର ଅମ୍ଲାନ ନାମକ ଯୁବକ ସେହି ଗ୍ରାମରେ ରହି ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇ ମଧ୍ୟ ଛାତ୍ରଛାତ୍ରୀଙ୍କର ପାଠପଢ଼ାରେ ଉନ୍ନତି ପାଇଁ ତାଙ୍କର ଉଦ୍ୟମ ଜାରି ରହିଥିବାରୁ ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶିକ୍ଷା ସଚେତନତା ନାଟକ ପରିବେଷଣ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ପୋଷାକ ବିତରଣ କରାଯାଇଥିଲା।

## ମା' ବାଉତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଢେଙ୍କାନାଳ, ୧୦।୧ (ସମିସ): ଢେଙ୍କାନାଳ ଓଡାପଡ଼ା ବ୍ଲକ ଅନ୍ତର୍ଗତ କାଉଁରିଆପାଳ ମା' ବାଉତୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ହୋଇଯାଇଛି। ଶେଷ ଦିବସର ଫାଇନାଲ ମ୍ୟାଚରେ ଚାଇଁପୁର ଓ ପୋଡ଼ାପଡ଼ା ୧୫ ଓଭର ବିଶିଷ୍ଟ ମ୍ୟାଚରେ ମୁକାବିଲା ହେବାର ଥିଲା। କିନ୍ତୁ ଚାଇଁପୁର ଦଳ ନିର୍ଦ୍ଧାରିତ ସମୟରେ ପହଞ୍ଚି ନ ପାରିବାରୁ ପୋଡ଼ାପଡ଼ା ଦଳକୁ ନିୟମ ଅନୁସାରେ ବିଜୟୀ ଘୋଷଣା କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ପୋଡ଼ାପଡ଼ା ଦଳର ସନିଆଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ଗୁଣେଦେଇ ପଞ୍ଚାୟତ ସରପଞ୍ଚ ସୁବ୍ରତ କୁମାର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୋଡ଼ାପଡ଼ା ଦଳକୁ ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଭୂତି ଭୂଷଣ ମହାନ୍ତି, ବିଶ୍ୱାମିତ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ମ୍ୟାନେଜର ବିଦ୍ୟୁତ କୁମାର ନାୟକ ପରିଚାଳନା କରିଥିଲେ।

■ ତ୍ରିବିନ୍ଧାରେ ବଢୁଛି ଟିବି ଆକ୍ରାନ୍ତଙ୍କ ସଂଖ୍ୟା

## ସପ୍ତାହରେ ଗଲାଣି ଦୁଇ ଜୀବନ

**ତୁରୁମୁଙ୍ଗା,୧୦।୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ପଞ୍ଚାୟତ ତ୍ରିବିନ୍ଧା ଗ୍ରାମରେ ଦିନକୁ ଦିନ ଟିବି ଆକ୍ରାନ୍ତଙ୍କ ସଙ୍ଖ୍ୟା ବୃଦ୍ଧି ପଉଥିବା ବେଳେ ସପ୍ତାହକ ମଧ୍ୟରେ ଦୁଇ ଜଣଙ୍କ ଜୀବନ ନେଇଛି ଟିବି । ଏବେ ବି ଗାଁ ରେ ଆକ୍ରାନ୍ତ ଥିବାବେଳେ ଗତ ୪ ତାରିଖ ରେ ଏନେଇ ମେଡିକାଲ ପକ୍ଷରୁ ସଚେତନତା ସଭା କରାଯାଇଥିଲା । ଗତ ୨୯ ତାରିଖ ରେ କାଳନ୍ଦୀ ନାଏକ(୪୨)ଙ୍କ ମୃତ୍ୟୁ ଘଟିଥିବାବେଳେ ମଙ୍ଗଳବାର ରାତିରେ ସାଗର ନାଏକ (୩୨)ଙ୍କ ମୃତ୍ୟୁ ଘଟିଛି । ମୃତ ସାଗରଙ୍କ କେହି ସମ୍ପର୍କୀୟ ନ ଥିବାରୁ ଗ୍ରାମବାସୀ ଭଲ ମନ୍ଦ ବୁଝୁଥିଲେ । ତେବେ ତାଙ୍କ ମୃତ୍ୟୁପରେ କେହି ଶବ ନେବାକୁ ଆସି ନ ଥିବା ବେଳେ ସାମାଜିକ କର୍ମୀ ବଳଭଦ୍ର ନାଏକ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ଗାଁ ସ୍ମଶାନ ରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

## ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ପ୍ରସ୍ତୁତି ବୈଠକ

**ଆନନ୍ଦପୁର,୧୦।୧(ସମିସ):** ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ପରିଷଦ ସଭାଗୃହରେ ସଭାପତି ଡ. ଅଭିନ୍ନ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ପରିଷଦର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ । ଆଗାମୀ ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ପାଳିତ ହେବାକୁ ଥିବା ପରିଷଦର ବାର୍ଷିକ ଉତ୍ସବ ଅବସରରେ ପ୍ରକାଶ ପାଇବାକୁ ଥିବା ମୁଖପତ୍ର ପାଇଁ ପ୍ରବନ୍ଧ, ଗଳ୍ପ, କବିତା, ମୂଲ୍ୟବୋଧଭିତିକ ପ୍ରବନ୍ଧ ଲେଖକମାନଙ୍କଠାରୁ ଆହ୍ୱାନ କରାଯାଇଛି । ଏହି ବୈଠକରେ ଉପଦେଷ୍ଟା ଶିଶିର କୁମାର ଦାଶ, ଉପସଭାପତି ରମାକାନ୍ତ ନାୟକ, ଚିତରଂଜନ ଦାଶ, ରଘୁନାଥ ପଣ୍ଡିତ, ପବିତ୍ର ମୋହନ ବେହେରା, ବିନୋଦ ମିଶ୍ର, ଅଶୋକ କୁମାର ସାହୁ, ରାମଚନ୍ଦ୍ର ଜେନା, ବିନୋଦ ବିହାରୀ ଦାଶ, ପଦ୍ମନାଭ ପାତ୍ର, ମମତାରାଣୀ ଜେନା, ରତ୍ନାକର ଦାଶ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଇଭିଏମ୍ ଓ ଭିଭିପାଟ୍ ବ୍ୟବହାର ସମ୍ପର୍କିତ ସଚେତନତା

**କେନ୍ଦୁଝର,୧୦।୧(ସମିସ):** କେନ୍ଦୁଝର ଜିଲ୍ଲାରେ ଇଭିଏମ୍ ଓ ଭିଭିପାଟ୍ ବ୍ୟବହାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ସାଧାରଣ ନିର୍ବାଚନ-୨୦୨୪ ପରିପ୍ରେକ୍ଷୀରେ ଭାରତର ନିର୍ବାଚନ କମିଶନ ଏବଂ ଓଡିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶିଷ ଠାକ୍‌ରେଙ୍କ ନିର୍ଦ୍ଦେଶ ଅନୁଯାୟୀ କେନ୍ଦୁଝର ଜିଲ୍ଲାର ସମସ୍ତ ବ୍ଲକ ଏବଂ ପୌରପାଳିକାରେ ଡିଜିଟାଲ ସକ୍ଷମତା ଓ ନୂତନ ବସ୍ତୁ ବ୍ୟବହାର ସମ୍ବନ୍ଧୀୟ ଶିକ୍ଷା ଇଭିଏମ୍ ଓ ଭିଭିପାଟ୍ ମେସିନର ସହଜ ସରଳ ବ୍ୟବହାର ସମ୍ପର୍କରେ ସଚେତନତା ପ୍ରଦର୍ଶନ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଜିଲ୍ଲା ଏବଂ ଉପଖଣ୍ଡସ୍ତରୀୟ ଇଭିଏମ୍ ପ୍ରଦର୍ଶନ କେନ୍ଦ୍ର ଓ ଭ୍ରାମ୍ୟମାଣ ପ୍ରଦର୍ଶନ ଗାଡିର ମଧ୍ୟ ବ୍ୟବସ୍ଥା କରାଯାଇଛି । ଉକ୍ତ ପ୍ରଶିକ୍ଷଣ ଏବଂ ସଚେତନତା କାର୍ଯ୍ୟକ୍ରମରେ ଭ୍ରାମ୍ୟମାଣ ପ୍ରଦର୍ଶନ ଯାନଗୁଡ଼ିକ ଜରିଆରେ ଜିଲ୍ଲାର ପ୍ରତ୍ୟେକ ବୁଥ୍‌ରେ ପହଞ୍ଚି ଭୋଟରମାନଙ୍କୁ ଇଭିଏମ୍ ଏବଂ ଭିଭିପାଟ୍‌ର ବ୍ୟବହାର ସହଜତା ସମ୍ପର୍କରେ ଅବଗତ କରାଯାଉଛି ।

## ସମାଜସେବୀଙ୍କ ପରଲୋକ



**ଆନନ୍ଦପୁର,୧୦।୧(ସମିସ):** ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କ ଦାଦା ତଥା ବିଶିଷ୍ଟ ସମାଜ ସେବୀ ଘନଶ୍ୟାମ ପାତ୍ର ଙ୍କର ୯୭ ବୟସରେ ପରଲୋକ ହୋଇଯାଇଛି । ବାର୍ଦ୍ଧକ୍ୟଜନୀତ ଅସୁସ୍ଥତାରୁ କଟକ ମେଡିକାଲରେ ଚିକିତ୍ସିତ ହେଉଥିବାବେଳେ ତାଙ୍କର ବିୟୋଗ ଘଟିଛି । ତାଙ୍କ ପ୍ରାର୍ଥୀବ ଶରୀର ଗଡ଼ବାନ୍ଧଗୋଡାସ୍ଥିତ ବାସଭବନରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଅଞ୍ଚଳବାସୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମୃତ୍ୟୁବେଳକୁ ତାଙ୍କ ପୁତୁରା ବିଧାୟକ ଶ୍ରୀ ପାତ୍ର ଓ ସମସ୍ତ ଆତ୍ମୀୟସୋଜନ ଉପସ୍ଥିତ ଥିଲେ । ସେ ଜଣେ ପରୋପକାରୀ, ଧର୍ମପରାୟଣ ଭାଗବତ ପ୍ରେମୀ ବ୍ୟକ୍ତି ଥିଲେ ।

## ଧର୍ମପରାୟଣା ମହିଳାଙ୍କ ଦେହାନ୍ତ



**ଘଷିପୁରା,୧୦।୧(ସମିସ):** ଘଷିପୁରା ବ୍ଲକ୍ ଗଡ଼ବାନ୍ଧଗୋଡ଼ା ଗ୍ରାମର ଧର୍ମପରାୟଣା ମହିଳା ସୁଲୋଚନା ଚକ୍ର(୯୮)ଙ୍କ ଆଜି ଅପରାହ୍ନ ୪.୫୦ ମିନିଟ୍ ସମୟରେ ହୃଦ୍‌ଘାତରେ ପରଲୋକ ଘଟିଛି । ସେ ଗଡ଼ବାନ୍ଧଗୋଡ଼ା ଗ୍ରାମର ଅବସରପ୍ରାପ୍ତ ରାଜସ୍ୱ ନୀରିକ୍ଷକ ସ୍ୱର୍ଗତ ମାୟାଧର ଚକ୍ରଙ୍କ ଧର୍ମପତ୍ନୀ ତଥା ରାଷ୍ଟ୍ରୀୟ ସଂୟ ସେବକ ସଂଘ ଜିଲ୍ଲା ଧର୍ମ ଜାଗରଣ ପ୍ରମୁଖ ପ୍ରଶାନ୍ତ କୁମାର ଚକ୍ରଙ୍କ ମାତା ଅଟନ୍ତି । ବ୍ଲକ୍ କଂଗ୍ରେସ ସଭାପତି ସୁବ୍ରତ କୁମାର ଚକ୍ର, ଶିକ୍ଷାବିତ ପ୍ରମୋଦ କୁମାର ଦେଓଙ୍କ ସମେତ ଅନେକ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ । ବଡ଼ପୁଅ ପ୍ରଦିପ୍ତ ଚକ୍ର ମୁଖାଗ୍ନି ଦେଇଥିଲେ ।

### କେନ୍ଦୁଝର ଡିଭିଜନରେ ସରିଲା ପକ୍ଷୀ ଗଣନା

# ନିୟୋଜିତ ଥିଲେ ୨୨ ଟିମ୍, ୪୨୫୮ ବିଦେଶୀ ପକ୍ଷୀ

**କେନ୍ଦୁଝର,୧୦।୧(ସମିସ)**

କେନ୍ଦୁଝର ଜିଲ୍ଲାରେ ବନ ବିଭାଗ ପକ୍ଷରୁ ପକ୍ଷୀ ଗଣନା କାର୍ଯ୍ୟକ୍ରମ ବୁଧବାର ଶେଷ ହୋଇଛି । ଏକ ସମୟରେ କେନ୍ଦୁଝର ଡିଭିଜନର ସଦର ରେଞ୍ଜ, ଘଟଗାଁ ରେଞ୍ଜ, ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ, ପାଟଣା ରେଞ୍ଜ, ତେଲକୋଇ ରେଞ୍ଜ, ଚମ୍ପୁଆ ରେଞ୍ଜ ଅଧୀନ ୨୨ ଟି ବନ୍ଧ, ପୋଖରୀ ଓ ଆଦ୍ରଭୂମିରେ ଗଣନା କରାଯାଇଛି । ଏହି ପକ୍ଷୀ ଗଣନାରେ ରେଞ୍ଜର, ଫରେଷ୍ଟର, ଫରେଷ୍ଟ ଗାର୍ଡ, ସ୍କ୍ୱାର୍ଡ କର୍ମଚାରୀ ସାମିଲ ହୋଇଥିଲେ । ଏଥିପାଇଁ ଗଣନାକାରୀଙ୍କୁ ବାଇନାକୁଲାର, କ୍ୟାମେରା, ଜିପିଏସ୍ ସ୍କେଲ ଆଦି ଯନ୍ତ୍ର ଯୋଗାଇ ଦିଆଯାଇଥିଲା । ୨୦୨୩ରେ ୨୮୬ ବହିରାଗତ ପକ୍ଷୀ ଗଣନା ହୋଇଥିଲା । ଚଳିତ ବର୍ଷ ୪୨୫୮ ଟି ବହିରାଗତ ପକ୍ଷୀ ଗଣନା ପରେ ଜଣାପଡ଼ିଛି । କେନ୍ଦୁଝର ସଦର ରେଞ୍ଜରେ ୧୩୮୧ ଟି, ପାଟଣା ରେଞ୍ଜରେ ୧୮୬୯ ଟି, ତେଲକୋଇ ରେଞ୍ଜରେ ୮୦୨ ଟି, ଘଟଗାଁ ରେଞ୍ଜରେ ୧୪୪ ଟି, ଚମ୍ପୁଆ ରେଞ୍ଜରେ ୭ ଟି, ଭୂୟାଁ ଜୁଆଙ୍ଗ ପିଢ଼ ରେଞ୍ଜରେ ୫୫ ଟି ବହିରାଗତ ପକ୍ଷୀ ଥିବା ଗଣନା ପରେ ଜଣାପଡ଼ିଥିଲା । ବିଶେଷ କରି ଲେସର ହୁଇସଲିଂ ବତକ, ଗ୍ରେବସ୍, କୁଟସ୍, ଟିଲସ୍, କମନ ମୁର ହେନ, ଇଣ୍ଡିଆନ୍ କରମରାଂଟ, ଲୋପୱିଙ୍ଗ ଆଦି ବହିରାଗତ ପକ୍ଷୀ ଦେଖିବାକୁ ମିଳିଥିଲା । ଚଳିତ ବର୍ଷ ୨୨ଟି ଟିମ୍ ଏହି ସ୍ଥାନ ମାନଙ୍କରେ



ପକ୍ଷୀଗଣନା କରିଥିଲେ । କେନ୍ଦୁଝର ସଦର ରେଞ୍ଜର ବଡ଼ଶାସନ ପୋଖରୀ, ଚାନ୍ଦିନୀ ପୋଖରୀ, କାନ୍ପାରୀ ଡ୍ୟାମ, ନଳପଙ୍ଗା ଡ୍ୟାମ, ଟିକରପଡ଼ା ଡ୍ୟାମ, ସାପୁଆ ଡ୍ୟାମ, କୋଡ଼ିପଶା ଡ୍ୟାମ, ଜଗଦଳା ଡ୍ୟାମ, ଧୂଳିଆବେଡା ଡ୍ୟାମ, ଘଟଗାଁ ରେଞ୍ଜର ମାନପୁର ଡ୍ୟାମ, କାଳିମାଟି ଡ୍ୟାମ, କାଣ୍ଡସର ଡ୍ୟାମ, ଭୂୟାଁ ଜୁଆଙ୍ଗ ପିଢ ରେଞ୍ଜର ବଡଘାଗରା ଜଳଭଣ୍ଡାର, ତେଲକୋଇ ରେଞ୍ଜର ଖଜୁରିଆ ଡ୍ୟାମ, ଦଣ୍ଡାଧର ଡ୍ୟାମ, ଖୁଣ୍ଟାପଡା ଡ୍ୟାମ, ସଲେଇକେନା ଡ୍ୟାମ, କାକୁଡିଅମ୍ବା ଡ୍ୟାମ, ଚମ୍ପୁଆ ରେଞ୍ଜର ସାଲିମ ଡ୍ୟାମ,ପାଟଣା ରେଞ୍ଜର ଖିରେଇଟାଙ୍ଗିରୀ ବଡପୋଖରୀ ଆଦିରେ ଏହି ଗଣନା ବୁଧବାର ସକାଳ ୬ ଟାରୁ ୧୦ ପର୍ଯ୍ୟନ୍ତ ହୋଇଛି । ଶୀତଦିନେ ବିଶେଷ କରି ଡିସେମ୍ବର ଓ ଜାନୁୟାରୀ ମାସରେ ଏହି ବହିରାଗତ ପକ୍ଷୀମାନେ କେନ୍ଦୁଝର ଜିଲ୍ଲା ମଧ୍ୟରେ ଥିବା କେନ୍ଦୁଝର ବନଖଣ୍ଡର ବିଭିନ୍ନ ଜଳଉସ ନିକଟକୁ ଆସି ଅବସ୍ଥାନ କରିଥିବାବେଳେ ଶୀତ ଶେଷରେ ପୁଣି ଥରେ ଅନ୍ୟ ସ୍ଥାନକୁ ଚାଲି ଯାଇଥାନ୍ତି । ସୂଚନାଯୋଗ୍ୟ ଯେ, ପକ୍ଷୀଗଣନା ୩ଟି ପଦ୍ଧତିରେ କରାଯାଇଛି । ପ୍ରଥମ ହେଲା ଯେଉଁଠି ସ୍ୱଳ୍ପ ସଂଖ୍ୟକ ପକ୍ଷୀ ଥିବେ ସେଠାରେ ସିଧାସଳଖ ୧,୨,୩,୪ ହିସାବରେ ଗଣନା କରାଯାଏ ।

ଦ୍ୱିତୀୟ ପଦ୍ଧତି ହେଉଛି ଯେଉଁଠି ଅଧିକ ପକ୍ଷୀ ଥିବେ ଉକ୍ତ ଅଞ୍ଚଳକୁ ବାଇନାକୁଲାର ଦ୍ୱାରା ଗୋଟିଏ ଗୋଟିଏ ବ୍ଲକରେ ବିଭକ୍ତ କରାଯାଇଥାଏ । ଗୋଟିଏ ବ୍ଲକରେ ଥିବା ପକ୍ଷୀଙ୍କ ସମଷ୍ଟିକରଣ କରାଯାଇ ଯେତେଟି ବ୍ଲକ ହୋଇଥାଏ ତାହାକୁ ଦ୍ୱିଗୁଣିତ କରି ପକ୍ଷୀ ସଂଖ୍ୟା ନିର୍ଦ୍ଧାରଣ ହୁଏ । ତୃତୀୟଟି ହେଲା ଗୋଟିଏ ସ୍ଥାନରେ ଅଗଣିତ ପକ୍ଷୀ ଯାହାକି ବାଇନାକୁଲାର ପରିଧିକୁ ଆସେ ନାହିଁ ତାହାକୁ ଜିପିଏସ୍ ସ୍କେଲ ଦ୍ୱାରା ମପାଯାଇ ପ୍ରଜାତି ଓ ସଂଖ୍ୟା ନିର୍ଦ୍ଧାରଣ କରାଯାଇଥାଏ । ଏହି ପକ୍ଷୀ ଗଣନା ଗୋଟିଏ ଦିନ ପାଇଁ କରାଯାଇଛି ବୋଲି ଏସିଏଫ୍ ଅଶୋକ କୁମାର ଦାସ ସୂଚନା ଦେଇଛନ୍ତି ।

## ଇଭିଏମ୍ ଓ ଭିଭିପାଟ୍‌ର ପ୍ରଦର୍ଶନ କାର୍ଯ୍ୟକ୍ରମ

**ଚମ୍ପୁଆ,୧୦।୧(ସମିସ):** ସାଧାରଣ ନିର୍ବାଚନ ୨୦୨୪ ପରିପ୍ରେକ୍ଷୀରେ ଚମ୍ପୁଆ ବ୍ଲକ୍ ପକ୍ଷରୁ ଇଭିଏମ୍ ଓ ଭିଭିପାଟ୍ ବ୍ୟବହାର ଓ ପ୍ରଦର୍ଶନ ସମ୍ବନ୍ଧରେ ସଚେତନତା ପାଇଁ ମୋବାଇଲ ଭ୍ୟାନର ଶୁଭାରମ୍ଭ କରାଯାଇଛି । ଏବିଡିଓ ଟୁନୁ ହାଁସଦା, ସହକାରୀ ଜିଲ୍ଲାପାଳ ଫୁଲଲାଇ ବେସ୍ରା, ସୁଜିତ କୁମାର ସ୍ୱାଇଁ, ଜିପିଓ ଅନୀଲ ମହାନ୍ତ ପ୍ରମୁଖ ଉପସ୍ଥିତିରେ ଏହି ମୋବାଇଲ ଭ୍ୟାନର ଶୁଭାରମ୍ଭ କରାଯାଇଥିଲା । ୮ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଏହି ଭ୍ୟାନ ଚମ୍ପୁଆ ବ୍ଲକର ୨୨ଟି ପଞ୍ଚାୟତ ଓ ଏନ୍‌ଏସି ପରିକ୍ରମଣ କରିବା ସହ ଭୋଟରଙ୍କୁ ସଚେତନ କରିବ । ଇଭିଏମ୍ ମେସିନର ବ୍ୟବହାର କିପରି କରାଯିବ ତାହା ଭୋଟର ମାନଙ୍କୁ ସଚେତନ କରାଯିବ । ଏହି ମୋବାଇଲ ସଚେତନ ଭ୍ୟାନ ଚମ୍ପୁଆ ନିର୍ବାଚନ ମଣ୍ଡଳୀ (୨୫) ରେ ୭୪ଟି ବୁଥ୍‌ରେ ଓ ପାଟଣା ନିର୍ବାଚନ ମଣ୍ଡଳୀ(୨୩)ର ୨୩ଟି ବୁଥ୍‌ରେ ଏବଂ ଚମ୍ପୁଆ ଏନ୍‌ଏସି ୧୧ଟି ବଥ୍‌ରେ ପହଞ୍ଚି ସଚେତନ କରିବା ସହିତ ପ୍ରଦର୍ଶନ କରିବେ । ଏଥିପାଇଁ ପ୍ରଥମ, ଦ୍ୱିତୀୟ ପ୍ରଦର୍ଶନ ଅଧିକାରୀ ଜଣେ ପୋଲିସ ଓ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଉପସ୍ଥିତ ରହିବେ ବୋଲି ଜିପିଓ ଅନିଲ ମହାନ୍ତ ସୂଚନା ଦେଇଛନ୍ତି ।

## ଦାମାହୁଦାରେ ବିଜେଡିର ସାଂଗଠନିକ ବୈଠକ

**ତୁରୁମୁଙ୍ଗା,୧୦।୧(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ୍ ଦାମା ହୁଦା ଠାରେ ବିଜେଡି କର୍ମୀମାନଙ୍କୁ ନେଇ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ସ୍ଥାନୀୟ ବିଧାୟକ ଜଗନ୍ନାଥ ନାଏକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡ଼ି ଯୁବ ସଭାପତି ସତ୍ୟ ନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଦଳୀୟ କର୍ମୀ ମାନଙ୍କ ସହ ବାଳକୃଷ୍ଣ ସାହୁ, ପିତାମ୍ବର ମହାରଣା, ଜ୍ୟୋତିପ୍ରକାଶ ମହାନ୍ତ ହୃଷିକେଶ ମହାନ୍ତ ଶଙ୍କର ଟୁଡୁ, ଓ ଭୀମସେନ ମାରାଣ୍ଡି ପ୍ରମୁଖ ଯୋଗଦେଇ ଥିଲେ ।



## ଶିକ୍ଷାବିତ୍‌ଙ୍କ ଏକାଦଶାହରେ ସ୍ମୃତିସଭା



**ଆନନ୍ଦପୁର,୧୦।୧(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ୍ ଜମ୍ବରା ଗ୍ରାମରେ ବିଶିଷ୍ଟ ଶିକ୍ଷାବିତ୍ ବୀରଭଦ୍ର ମଲିକଙ୍କ ଏକାଦଶାହରେ ଏକ ସ୍ମୃତିସଭା, କବିତା ପାଠୋତ୍ସବ ଓ ଭକ୍ତି ସଂଗୀତ ସମାରୋହ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସ୍ମୃତି ସଭାକୁ କେନ୍ଦୁଝର ଜିଲ୍ଲା ଶିକ୍ଷକ ସଂଘର ସଭାପତି ଅଭୟ ଜେନାଙ୍କ ସଂଯୋଜନାରେ ବହୁ ବ୍ୟକ୍ତି ଯୋଗଦେଇଥିଲେ । ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, କେନ୍ଦୁଝର ବିଧାୟକ ମୋହନ ମାଝୀ, ପୂର୍ବତନ ବିଧାୟକ ମାୟାଧର ଜେନା, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ହାଟଡିହି ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ପୂର୍ବତନ ଜିଲ୍ଲା ସଭାପତି ବିମ୍ବାଧର ବିଶ୍ୱାଳ, ବିଜେଡି ମୁଖପାତ୍ର ନାରାୟଣ ପ୍ରସାଦ ଜେନା, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ସାଧାରଣ ସମ୍ପାଦକ ଶସୀକାନ୍ତ ଲେଙ୍କା, ଯାଜପୁର ଜିଲ୍ଲା ସଭାପତି ମନୋଜ ରାଉତ, ସାଧାରଣ ସମ୍ପାଦକ ମନୋଜ ଜେନା, ଆଲୋକ ସେଠୀ, ରାମଚନ୍ଦ୍ର ସାହୁ , ରାଜ୍ୟ ସରକାରଙ୍କ ଅତିରିକ୍ତ ଶାସନ ସଚିବ ପ୍ରଦୀପ ରାଉତ, ଶକ୍ତି ବିଭାଗ ଅତିରିକ୍ତ ସଚିବ ବିପ୍ଳବ ପ୍ରଧାନ ଯୋଗ ଦେଇ ସ୍ମୃତି ଚାରଣ କରିଥିଲେ । ସାହିତ୍ୟିକ ଚତୁର୍ଭୁଜ ପହିଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । କବି ଡ. ଅଶୋକ କୁମାର ପୁହାଣ ସ୍ୱର୍ଗତ ମଲିକଙ୍କ ଶିକ୍ଷକତା ଜୀବନ ସମ୍ପର୍କରେ କବିତା ଆବୃତି କରିଥିଲେ ।

## ପାଟଣା ସୀମାନ୍ତରେ ପୁଲିସ ଚେକିଂ

**ପାଟଣା,୧୦।୧(ସମିସ):** କେନ୍ଦୁଝର ଜିଲ୍ଲା ଏସ୍‌ପିଙ୍କ ନିର୍ଦ୍ଦେଶରେ ପାଟଣା ପୁଲିସ ପକ୍ଷରୁ ଖାନ ତଲାସ କାର୍ଯ୍ୟ ଜାରି ରହିଛି । କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ ସାହାରପଡ଼ା ଫାଣ୍ଡି ନିକଟରେ ବିଭିନ୍ନ ଗାଡି ମୋଟର ଅଟକାଇ ତଲାସୀ କରାଯାଇଥିଲା । ଚୋରା ବନ୍ଧୁକ, ମଦ ଓ ଗଞ୍ଜେଇ ଚାଲାଣ ସନ୍ଦେହର ଗାଡ଼ି ତଲାସୀ କରାଯାଇଥିଲା । ପାଟଣା ଥାନା ଅଧିକାରୀ ବିବସ ପ୍ରଧାନ, ସାହାରପଡ଼ା ଫାଣ୍ଡି ଅଧିକାରୀ ଶିବ ଶଙ୍କର ଆଲଦା ପ୍ରମୁଖ ସାମିଲ ହୋଇଥିଲେ ।

## ସପ୍ତାହରେ ୨୫୦ ଲିଟରରୁ ଊର୍ଦ୍ଧ୍ୱ ମଦ ଜବତ

**ଯୋଡ଼ା,୧୦।୧(ସମିସ):** ଯୋଡ଼ା ଅଞ୍ଚଳରେ ମଦକାରବାର ଏବେ କୁଟୀର ଶିଳ୍ପରେ ପରିଣତ ହୋଇଛି । ଗୋଟିଏ ସପ୍ତାହ ମଧ୍ୟରେ ପୁଲିସ ଯୋଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରି ୨୫୦ଲିଟରରୁ ଉର୍ଦ୍ଧ୍ୱ ମଦ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୧୮ ଜଣଙ୍କ ନାମରେ ମାମଲା ରୁଜୁ କରିଛି । ସେଥିମଧ୍ୟରୁ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଅନ୍ୟ ୧୫ ଜଣଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଦେଇଥିବା ଜଣାପଡ଼ିଛି । ଯୋଡ଼ା ପୌରପାଳିକା ତାରିଣୀ ଛକ ପଛପଟ ବସ୍ତିରେ ଅତର୍କିତ ଭାବେ ଯୋଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ଅଭିନାଶ ପରିଡ଼ା ସଦଳବଳ ଚଢ଼ଉ କରି ଏକାକାଳୀନ ଗୋଟିଏ ସ୍ଥାନରୁ ପ୍ରାୟ ୧୪୫ ଲିଟର ମହୁଲି ମଦ ଜବତ କରିବାରେ ସଫଳ ହୋଇଥିଲେ । ଏଥିରେ ଅରୁଣ ଯାଦବ ଓ ନମିରାଜଙ୍କୁ ପୁଲିସ ଗିରଫ କରିଥିଲା । ସେହିପରି ଅନ୍ୟ ଏକ ଘଟଣାରେ ମନୋଜ କୁମାର କେଶରୀ ନାମକ ଆଉ ଜଣେ ମଦ ମାଫିଆକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ବୁଧବାର ବିଲେଇପଦା ଫାଣ୍ଡି ଅଧିନରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଆଉ ୩ଜଣଙ୍କୁ ପୁଲିସ ଗିରଫ କରି ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଥିବା ଜଣାପଡ଼ିଛି । ଅଧିକାଂଶ ସ୍ଥାନରେ ବିଦେଶୀ ମଦ ବିଭିନ୍ନ କାଉଣ୍ଟରମାନଙ୍କଠୁ ଆଣି ଅଧିକ ଦରରେ ବିକ୍ରି କରାଯାଉଥିବା ଲୋକଲୋଚନକୁ ଆସିଛି । ପୁଲିସ ଏହାକୁ ମଧ୍ୟ ଅଙ୍କୁଶ ଲଗାଇବାକୁ ପ୍ରୟାସ ଜାରି ରଖିଛି । ସୁନା ନଦୀ କୂଳରେ ଅନେକ ସ୍ଥାନରେ ମହୁଲ ପୋଚରୁ ଦେଶୀ ମଦ ରନ୍ଧା ହେଉଥିବା ମଧ୍ୟ ସୂଚନା ରହିଛି । ଏହା ସହିତ ଯୋଡ଼ା ସହରର ଆଖପାଖ ଅଞ୍ଚଳରେ ମଧ୍ୟ ଏହା ଅବାଧରେ ମିଳିପାରୁଛି । ଫଳରେ ଯୋଡାରେ ଅପରାଧ ବୃଦ୍ଧି ପାଉଥିବା ଯୋଗୁଁ ଏହି ଚଢ଼ଉ କ୍ରମାଗତ ଭାବେ ଜାରି ରହିବ ବୋଲି ଯୋଡ଼ା ଥାନା ପକ୍ଷରୁ ସୂଚନା ମିଳିଛି ।

# ୯୦ କେନ୍ଦ୍ରରେ ୫୧୯୨୬୭.୬ କ୍ୱିଣ୍ଟାଲ ଧାନ କିଣା

**କେନ୍ଦୁଝର,୧୦।୧(ସମିସ)**

କେନ୍ଦୁଝର ଜିଲ୍ଲାରେ ବିଭିନ୍ନ ସମବାୟ କୋଅପରେଟିଭ ସମେତ ୯୦ଟି ସ୍ଥାନରେ ପଞ୍ଜିକୃତ ଚାଷୀଙ୍କ ନିକଟରୁ ଖରିଫ ଧାନକିଣା ଚାଲିଛି । ଇତିମଧ୍ୟରେ ୧୪୦୮୧ ଜଣଙ୍କର ଠାରୁ ୫୧୯୨୬୭.୬ କିଣ୍ଟାଲ ଧାନ କିଣା ସରିଥିବା ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି । ବିଭିନ୍ନ ମଣ୍ଡିରେ ଚାଷୀମାନେ ସେମାନଙ୍କ ଧାନ ବିକ୍ରୟ ନିମନ୍ତେ କ୍ରମାନ୍ୱୟରେ ଅଛନ୍ତି ।

ସୂଚନା ଅନୁସାରେ ତରତରାରେ ୧୧୫ ଚାଷୀଙ୍କ ୪୧୩୫.୧୩ କ୍ୱିଣ୍ଟାଲ, ହରିଚନ୍ଦନପୁର ଲ୍ୟାମ୍ପ୍ସରେ ୯୫ ଚାଷୀଙ୍କ ୩୦୦୭.୭୩ କ୍ୱିଣ୍ଟାଲ, ବାଉଁଶଗଡ଼ ଏସସିଏସ୍‌ରେ ୧୧୯ ଚାଷୀଙ୍କଠାରୁ ୩୭୯୧.୧୨ କ୍ୱିଣ୍ଟାଲ, ସମଣାରେ ୮୪ ଚାଷୀଙ୍କର ୩୨୪୨.୧୭କିଣ୍ଟାଲ, ଚମ୍ପୁଆରେ ୧୬୯ ଚାଷୀଙ୍କଠାରୁ ୬୭୦୦.୧୬ କ୍ୱିଣ୍ଟାଲ, ଉଅଁରରେ ୧୮୭ ଚାଷୀଙ୍କଠାରୁ ୯୫୯୭ କ୍ୱିଣ୍ଟାଲ, ସୌଲଙ୍ଗରେ ୧୫୬ ଚାଷୀଙ୍କ ୪୭୫୫.୭୫ କିଣ୍ଟାଲ ଧାନକିଣା ସରିଲାଣି । ଅନ୍ୟପକ୍ଷରେ ପାଟଣା ଲ୍ୟାମ୍ପ୍ସରେ ୨୭୦ ଚାଷୀଙ୍କ ନିକଟରୁ ୭୯୪୩.୩୮ କିଣ୍ଟାଲ, ସାହାରପଡ଼ା ଲ୍ୟାମ୍ପ୍ସରେ ୧୪୩ ଚାଷୀଙ୍କଠାରୁ ୬୧୩୮.୮୩ କିଣ୍ଟାଲ, କେଶଦୁରାପାଳରେ ୨୦୫ ଚାଷୀଙ୍କଠାରୁ ୧୦୪୧୧.୧୫ , ଫକିରପୁରରେ ୧୦୮ ଚାଷୀଙ୍କଠାରୁ ୨୫୩୨.୪୮ କ୍ୱିଣ୍ଟାଲ ବାଗୋଂରରେ ୨୬୮ ଚାଷୀଙ୍କଠାରୁ ୭୯୦୫.୭୫ କ୍ୱିଣ୍ଟାଲ, ଖଲଣା ଏସସିଏସରେ ୨୭୨ ଚାଷୀଙ୍କଠାରୁ ୧୦୫୨୮.୧୬ କ୍ୱିଣ୍ଟାଲ, ପାଟଣା ଲ୍ୟାମ୍ପରେ ୨୧୦ ଚାଷୀଙ୍କଠାରୁ ୭୭୪୯.୭୨ କ୍ୱିଣ୍ଟାଲ, ହରିଚନ୍ଦନପୁର ରେବଣା ପଳାଶପାଳରେ ୯୫ ଚାଷୀଙ୍କଠାରୁ ୩୦୦୭.୭୩ କ୍ୱିଣ୍ଟାଲ, ସାହାରପଡାର ମାଛଗଡ଼ରେ ୧୪୩ ଚାଷୀଙ୍କଠାରୁ ୬୧୩୮.୮୩ କ୍ୱିଣ୍ଟାଲ, ପାଟଣାର ଏରେଣ୍ଡେଇରେ ୨୨୩୧.୦୬ କ୍ୱିଣ୍ଟାଲ, ଢେଙ୍କିକୋଟର ପିପିଳିଆରେ ୪୨୪୨.୦୮ କ୍ୱିଣ୍ଟାଲ, ନୟାକୋଟ ଲ୍ୟାମ୍ପର ତରମାକାନ୍ତରେ ୨୧୦ ଚାଷୀଙ୍କଠାରୁ ୭୭୪୯.୭୨ କ୍ୱିଣ୍ଟାଲ,ସୁଆକାଟୀରେ ୫୧ ଚାଷୀଙ୍କଠାରୁ ୧୧୩୪.୭୧ କ୍ୱିଣ୍ଟାଲ, ତେଲକୋଇ ଲ୍ୟାମ୍ପରେ ୨୫୬ ଚାଷୀଙ୍କଠାରୁ ୧୦୫୫୦.୩ କ୍ୱିଣ୍ଟାଲ, ମରେଇଗାଁରେ ୨୬୩ ଚାଷୀଙ୍କଠାରୁ ୧୩୫୧୮.୬୮ କ୍ୱିଣ୍ଟାଲ, କୋଡପଡାରେ ୮୦ ଚାଷୀଙ୍କଠାରୁ ୩୦୬୯.୯୫ କ୍ୱିଣ୍ଟାଲ, ଚମ୍ପୁଆର ରିମୁଳିରେ ୧୩୯ ଚାଷୀଙ୍କଠାରୁ ୪୧୨୧.୩୬ କ୍ୱିଣ୍ଟାଲ, ଉଖୁଣ୍ଡା ଲ୍ୟାମ୍ପ୍ସର ଚଉଠିଆରେ ୧୯୬ ଚାଷୀଙ୍କଠାରୁ ୬୯୪୭.୫୨ କ୍ୱିଣ୍ଟାଲ, ଝୁମ୍ପୁରା ଲ୍ୟାମ୍ପ୍ସରେ ୨୭୨ ଚାଷୀଙ୍କଠାରୁ ୮୮୬୨.୬୯ କ୍ୱିଣ୍ଟାଲ, ଉଖୁଣ୍ଡା ଲ୍ୟାମ୍ପରେ ୨୯୮ ଚାଷୀଙ୍କଠାରୁ ୧୦୧୭୯.୬୧ କ୍ୱିଣ୍ଟାଲ, ସାହାରପଡାର ଖଜିରାପାଟରେ ୧୭୬ ଚାଷୀଙ୍କଠାରୁ ୬୩୬୭.୩୭ କ୍ୱିଣ୍ଟାଲ, ଜଘଁରା ଲ୍ୟାମ୍ପ୍ସର ବକ୍ସିବାରିଗାଁରେ ୬୮ ଚାଷୀଙ୍କଠାରୁ ୨୦୯୧.୮୫ କ୍ୱିଣ୍ଟାଲ, ଦରଡ଼ିପାଳ ଏସ୍‌ସିଏସରେ ୧୭୧ ଚାଷୀଙ୍କଠାରୁ ୭୬୨୨.୩୬ କ୍ୱିଣ୍ଟାଲ, କୋଡ଼ପଡ଼ା ଧକୋଟାରେ ୫୮ ଚାଷୀଙ୍କଠାରୁ ୨୭୭୭.୯୩ କ୍ୱିଣ୍ଟାଲ, ହରିଚନ୍ଦନପୁରର ବଡପଳାଶପାଳରେ ୧୧୦ ଚାଷୀଙ୍କଠାରୁ ୪୪୪୫.୦୭ କ୍ୱିଣ୍ଟାଲ, ଉଅଁରରେ ୧୮୭ ଚାଷୀଙ୍କଠାରୁ ୯୫୯୭.୯୩ କ୍ୱିଣ୍ଟାଲ, ସଦର ଲ୍ୟାମ୍ପ୍ସର ରଘୁନାଥପୁରରେ ୧୩୮ ଚାଷୀଙ୍କଠାରୁ ୬୧୧୦.୯୪ କ୍ୱିଣ୍ଟାଲ, ଅଳତୀ ଏସ୍‌ସିଏସରେ ୧୩୬ ଚାଷୀଙ୍କଠାରୁ ୩୯୪୬.୧୪ କ୍ୱିଣ୍ଟାଲ, ଚମ୍ପୁଆର ଜାମୁଦଲକରେ ୧୫୯ ଚାଷୀଙ୍କଠାରୁ ୫୮୩୬.୧୮ କ୍ୱିଣ୍ଟାଲ, ନୟାକୋଟ ଲ୍ୟାମ୍ପ୍ସରେ ୧୨୨ ଚାଷୀଙ୍କଠାରୁ ୩୧୭୨.୭କ୍ୱିଣ୍ଟାଲ, ଝୁମ୍ପୁରା ବାଲିବନ୍ଧରେ ୧୩୬ ଚାଷୀଙ୍କଠାରୁ ୫୧୦୬.୨ କ୍ୱିଣ୍ଟାଲ, ଭଣ୍ଡାର ଫୁଲକଲେଁଇରେ ୯୩ ଚାଷୀଙ୍କଠାରୁ ୨୯୧୫.୨୧ କ୍ୱିଣ୍ଟାଲ, ସାହାରପଡାର ଟଭାସରୁଆରେ ୧୯୪ ଚାଷୀଙ୍କଠାରୁ ୬୯୪୭.୪୩ କ୍ୱିଣ୍ଟାଲ, ସମଣାରେ ୧୪୭ ଚାଷୀଙ୍କଠାରୁ ୫୪୮୦.୩୨ କ୍ୱିଣ୍ଟାଲ,ହରିଚନ୍ଦନପୁର ଲ୍ୟାମ୍ପରେ ୧୯୭ ଚାଷୀଙ୍କଠାରୁ ୮୧୪୦.୩୬ କ୍ୱିଣ୍ଟାଲ, ସୋସୋ ବାଲିବରେଇରେ ୯୮ ଚାଷୀଙ୍କଠାରୁ ୩୩୧୨.୦୫ କ୍ୱିଣ୍ଟାଲ, ସଢା ବାଢୋରେ ୫୧୦୧.୫୮ କ୍ୱିଣ୍ଟାଲ, ବାତୋ ଏସ୍‌ସିଏସ୍‌ରେ ୧୬୧ ଚାଷୀଙ୍କଠାରୁ ୪୩୪୨.୯ କ୍ୱିଣ୍ଟାଲ, ଶୁଆକାଟି ଲ୍ୟାମ୍ପ୍ସ ତଳଜାଗରରେ ୧୦୦ ଚାଷୀଙ୍କଠାରୁ ୨୮୩୦.୮୫ କ୍ୱିଣ୍ଟାଲ, ସଦର ଲ୍ୟାମ୍ପ୍ସ ମଇଦାନକେଲରେ ୧୭୧ ଚାଷୀଙ୍କଠାରୁ ୬୨୦୧.୯ କ୍ୱିଣ୍ଟାଲ, ରାଜନଗର ଲ୍ୟାମ୍ପ୍ସରେ ୧୪୩ ଚାଷୀଙ୍କଠାରୁ ୪୨୩୮.୯୧କ୍ୱିଣ୍ଟାଲ, ଢେଙ୍କିକୋଟେ ପଣ୍ଡାପଡ଼ାରେ ୧୪୭ ଚାଷୀଙ୍କଠାରୁ ୪୯୭୦.୪୯ କ୍ୱିଣ୍ଟାଲ ରାଜନଗର ବାଉଁଶୁଳୀରେ ୧୨୫ ଚାଷୀଙ୍କଠାରୁ ୪୭୦୦.୧୫ କ୍ୱିଣ୍ଟାଲ, ଜଘଁରା ଲ୍ୟାମ୍ପ୍ସ ପିଠାଗୋଳାରେ ୨୫୧ ଚାଷୀଙ୍କଠାରୁ ୧୦୯୩୫.୫୫ କ୍ୱିଣ୍ଟାଲ ଗଡବାନ୍ଧୋଗୋଡାରେ ୨୪୫ ଚାଷୀଙ୍କଠାରୁ ୭୬୪୩.୦୫ କ୍ୱିଣ୍ଟାଲ,ଢେଙ୍କିକୋଟ ଘଟଗାଁରେ ୨୪୮ ଚାଷୀଙ୍କଠାରୁ ୯୨୩୦.୩୯କ୍ୱିଣ୍ଟାଲ, ଭଣ୍ଡା ଲ୍ୟାମ୍ପ୍ସ ଜ୍ୟୋତିପୁରରେ ୫୭ ଚାଷୀଙ୍କଠାରୁ ୧୫୮୯.୪୬କ୍ୱିଣ୍ଟାଲ, ପଳାଶପଙ୍ଗା ପଦ୍ମପୁରରେ ୨୬୧ ଚାଷୀଙ୍କଠାରୁ ୯୮୬୩.୦୧କ୍ୱିଣ୍ଟାଲ, ଭଣ୍ଡା ଲ୍ୟାମ୍ପ୍ସ ଭୁଇଁପୁରରେ ୧୩୪ ଚାଷୀଙ୍କଠାରୁ ୪୫୫୬.୯୭ କ୍ୱିଣ୍ଟାଲ, ଚମ୍ପୁଆ କରଞ୍ଜିଆରେ ୧୬୯ ଚାଷୀଙ୍କଠାରୁ ୬୬୧୦.୧୬ କ୍ୱିଣ୍ଟାଲ, ତେଲକୋଇ ଛାମୁଣ୍ଡାରେ ୧୬୭ ଚାଷୀଙ୍କଠାରୁ ୫୬୨୫.୦୧ କ୍ୱିଣ୍ଟାଲ, ସଦର ଲ୍ୟାମ୍ପ୍ସ ରାଇସୁଆଁରେ ୨୦୬ ଚାଷୀଙ୍କଠାରୁ ୬୮୮୪.୭୫ କ୍ୱିଣ୍ଟାଲ, ରାଜନଗର ଲ୍ୟାମ୍ପ୍ସ ଯମୁନାପଶିରେ ୧୩୪ ଚାଷୀଙ୍କଠାରୁ ୪୮୫୬.୩୨ କ୍ୱିଣ୍ଟାଲ, ପଣଷଡିହାରେ ୮୯ ଚାଷୀଙ୍କଠାରୁ ୩୨୫୦.୯କ୍ୱିଣ୍ଟାଲ, କାଳିଆହତା ଲ୍ୟାମ୍ପ୍ସର ରାଇସୁଆଁରେ ୧୫୭ ଚାଷୀଙ୍କଠାରୁ ୫୬୪୩.୨୮କ୍ୱିଣ୍ଟାଲ, ଗୋନାସିକା ଲ୍ୟାମ୍ପ୍ସରେ ୨୮ ଚାଷୀଙ୍କଠାରୁ ୯୩୯.୩୮ କ୍ୱିଣ୍ଟାଲ, ପଞ୍ଚୁଗୋଛିଆରେ ୧୬୭ ଚାଷୀଙ୍କଠାରୁ ୭୯୩୨.୬୯ କ୍ୱିଣ୍ଟାଲ, ରାଜନଗର ଲ୍ୟାମ୍ପ ଚେମଣାରେ ୩୦୧ ଚାଷୀଙ୍କଠାରୁ ୮୮୯୫.୪୪ କ୍ୱିଣ୍ଟାଲ, ଗୟଳମୁଣ୍ଡା କୋଳିମାଟିରେ ଊ୩୯ ଚାଷୀଙ୍କଠାରୁ ୧୩୨୨.୬୫ କ୍ୱିଣ୍ଟାଲ, ସୋସୋରେ ୨୩୯ ଚାଷୀଙ୍କଠାରୁ ୧୦୩୬୩.୯୨ କ୍ୱିଣ୍ଟାଲ, ଗୟଳମୁଣ୍ଡାରେ ୨୬୭ ଚାଷୀଙ୍କଠାରୁ ୯୫୬୭.୮୭ କ୍ୱିଣ୍ଟାଲ, ପଳାଶପଙ୍ଗାରେ ୩୯୯ ଚାଷୀଙ୍କଠାରୁ ୧୩୬୧୬.୯୭ କ୍ୱିଣ୍ଟାଲ, ଜଘଁରାରେ ୨୩୮ ଚାଷୀଙ୍କଠାରୁ ୬୮୮୬.୨୯ କ୍ୱିଣ୍ଟାଲ, ଢେଙ୍କିକୋଟରେ ୨୬୭ ଚାଷୀଙ୍କଠାରୁ ୯୫୬୭.୮୭ କ୍ୱିଣ୍ଟାଲ, ତରତରାରେ ୧୫୧ ଚାଷୀଙ୍କଠାରୁ ୪୮୬୬.୫୨ କ୍ୱିଣ୍ଟାଲ, ସଦର ଲ୍ୟାମ୍ପ୍ସ ନରଣପୁରରେ ୨୯୫ ଚାଷୀଙ୍କଠାରୁ ୧୦୪୯୪.୩୮ କ୍ୱିଣ୍ଟାଲ, ସାହାରପଡା ଲ୍ୟାମ୍ପରେ ୨୦୫ ଚାଷୀଙ୍କଠାରୁ ୮୪୪୯.୯୮ କ୍ୱିଣ୍ଟାଲକୁ ମିଶାଇ ଜାନୁଆରୀ ୯ ତାରିଖ ମଧ୍ୟରେ ମୋଟ ୫୧୯୨୬୭.୬ କ୍ୱିଣ୍ଟାଲ ଧାନକିଣା ସରିଲାଣି ।

### ମାତିଲେ ଟିପିଏସ୍ କ୍ଷତିଗ୍ରସ୍ତ

# ଫାଟକ ସମ୍ମୁଖରେ ୪ ପଞ୍ଚାୟତବାସୀଙ୍କ ଆନ୍ଦୋଳନ

**ତାଳଚେର ସଦର, ୧୦।୧(ସମିସ)**



ତାଳଚେର ଏନଟିପିସି, ଟିଟିପିଏସ୍ ଦ୍ୱାରା ପ୍ରାୟ ୪ଟି ପଞ୍ଚାୟତ ଗୁରୁଜାଙ୍ଗୁଲି, ସନ୍ଥପଡ଼ା, ଜଗନ୍ନାଥପୁର ଓ ବନ୍ତୋଲ ପଞ୍ଚାୟତବାସୀ ପରୋକ୍ଷ ଓ ପ୍ରତ୍ୟେକ ଭାବେ ଟିଟିପିଏସ୍ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ବେଳେ ସେମାନଙ୍କର ବିଭିନ୍ନ ଦାବିକୁ ନେଇ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ଏଥିପ୍ରତି କେହି ହେଲେ କର୍ଣ୍ଣପାତ କରୁନଥିବାରୁ ଆଜି ବାଧହୋଇ ସେମାନେ ଟିଟିପିଏସ୍ ଫାଟକ ସମ୍ମୁଖରେ ଗଣ ଆନ୍ଦୋଳନ କରିଥିଲେ। ଘଟଣାରୁ ପ୍ରକାଶ ଉକ୍ତ ୪ଟି ପଞ୍ଚାୟତର ବିକାଶ ପାଇଁ ତାଙ୍କ ଜମିବାଡ଼ି ଗୁଡ଼ିକୁ ବିନା ଦ୍ୱିଧାରେ ଟେକି ଦେଇଥିବା ବେଳେ ସେମାନଙ୍କୁ ନିଯୁକ୍ତିରୁ ବଞ୍ଚିତ କରିବା ଓ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଠିକା କର୍ମଚାରୀ ନିଯୁକ୍ତି ଦେଇ ହଇରାଣ କରିବା ଭଳି ପରିସ୍ଥିତି ଦେଖାଦେଇଛି। ରାତିଅଧରେ ଟିଟିପିଏସ୍ କର୍ତ୍ତୃପକ୍ଷ ଓ ସିଆଇଏସଏଫ ମିଳିତ ଭାବେ ସେମାନଙ୍କ ଜଗନ୍ନାଥପୁର ଠାରୁ ଆନନ୍ଦବଜାର ପର୍ଯ୍ୟନ୍ତ ଯେଉଁ ରାସ୍ତାରେ କି ଅହରହ ହଜାର ହଜାର ଅଞ୍ଚଳବାସୀ ଯାତାୟାତ କରିଥାନ୍ତି, ସେହି ରାସ୍ତା ବନ୍ଦକରି ଟିଟିପିଏସ୍ ଦ୍ୱାରା ନିର୍ମାଣ କରାଯାଇଥିବା ବିକଳ୍ପ ରାସ୍ତାରେ ଆଲୋକୀକରଣ, ସିସି କ୍ୟାମେରା ଖଞ୍ଜାଯିବା, ଥର୍ମାଲ ନିକଟସ୍ଥ କାଳିମନ୍ଦିର ଠାରୁ ଜଗନ୍ନାଥପୁର ଦେଇ ବନ୍ତୋଲ ରେଳଫାଟକ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ କରିବା ସହ ଉଭୟ ପାର୍ଶ୍ୱରେ ଆଲୋକୀକରଣ ଓ ସିସି କ୍ୟାମେରା ଖଞ୍ଜାଯିବାକୁ ବାରମ୍ବାର ଦାବି କରିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଆଶ୍ୱସନା ମିଳିଥିଲେ ମଧ୍ୟ ଟିଟିପିଏସ୍ କର୍ତ୍ତୃପକ୍ଷ ତାରିଖ ପରେ ତାରିଖ ଦେଇ ପଞ୍ଚାୟତବାସୀଙ୍କୁ ଲଲିପପ୍ ଦେଇ ଆସୁଛନ୍ତି ବୋଲି ଅଭିଯୋଗ ହୋଇଛି। ଏନେଇ ଆଜି ଶତାଧିକ ପଞ୍ଚାୟତବାସୀ ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ନେତୃତ୍ୱରେ ସେମାନଙ୍କର ଦାବିପୂରଣ ନହେଲେ ଆନ୍ଦୋଳନ ଜୋରଦାର ହେବ ବୋଲି ପ୍ରକାଶ କରିଛନ୍ତି। ତେବେ ଏହା କେବେ ପୂରଣ ହେଉଛି, ତାହା ଦେଖିବାକୁ ବାକି ରହିଛି।

# ପ୍ରାକୃତିକ କୃଷି ପ୍ରଣାଳୀର ବିସ୍ତାରିକରଣ ଯୋଜନା ସମ୍ପର୍କିତ ସଚେତନତା



**ଅନୁଗୋଳ, ୧୦।୧(ସମିସ):** ବୁଧବାର ସହର ଉପକଣ୍ଠ ପଞ୍ଚମହଲା ସ୍ଥିତ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ଅନୁଗୋଳ କାର୍ଯ୍ୟାଳୟ ପରିସରରେ ଜିଲ୍ଲା କୃଷକ କ୍ଲବ ମହାସଂଘର ବିଦାୟୀ ବର୍ଷର ବନ୍ଧୁମିଳନ ଉତ୍ସବ ମହାସଂଘର ସଭାପତି ଅରକ୍ଷିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବରିଷ୍ଠ ବୈଜ୍ଞାନିକ ଡଃ ଦେବାଶିଷ ମିଶ୍ର ମୁଖ୍ୟ ଅତିଥି ଏବଂ ବରିଷ୍ଠ ବୈଜ୍ଞାନିକ ଡ. ତିର୍ଯ୍ୟକ କୁମାର ସାମନ୍ତ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୨୦୨୩ କୁ ବିଦାୟ ଦେବା ଏବଂ ୨୦୨୪ କୁ ସ୍ୱାଗତ କରିବା ପାଇଁ ଜିଲ୍ଲା କୃଷକ କ୍ଲବ ମହାସଂଘର ୫୦ ଟି କ୍ଲବର ୬୩ ଜଣ ସଦସ୍ୟ ଯୋଗଦେଇ ଆଗାମୀ ଦିନର କାର୍ଯ୍ୟକ୍ରମ ପାଇଁ ଖସଡ଼ା ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ କୃଷିର ବିଭିନ୍ନ ପ୍ରକଳ୍ପ ଉପରେ ଆଲୋଚନା କରିଥିଲେ। ଅପରାହ୍ନରେ 'ପ୍ରାକୃତିକ କୃଷି ପ୍ରଣାଳୀର ବିସ୍ତାରିକରଣ' ଯୋଜନା ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇ ପ୍ରାକୃତିକ କୃଷି ଏବଂ ଚିରନ୍ତନ କୃଷିରେ ଏହାର ଉପାଦେୟତା ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼. ଦେବାଶିଷ ମିଶ୍ର ଅଧ୍ୟକ୍ଷତା କରୁଥିବା ବେଳେ ବରିଷ୍ଠ କ୍ଷେତ୍ର ବିଜ୍ଞାନୀ ଡ. ତିର୍ଯ୍ୟକ କୁମାର ସାମନ୍ତ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଗଣ ତଥା ଅନ୍ୟାନ୍ୟ ଅଧିକାରୀବୃନ୍ଦ ଏବଂ ମହାସଂଘ ପକ୍ଷରୁ ଦାମୋଦର ଦାସ, ପ୍ରତାପ ଚନ୍ଦ୍ର ପ୍ରଧାନ ଅଶୋକ ବେହେରା, ତ୍ରେତାନନ୍ଦ ସାମନ୍ତ, ଅର୍ଜୁନ ସାହୁ, ଜଗନ୍ନାଥ ପ୍ରଧାନ, ବାରିହା ବାବୁ ଏବଂ ପାଲଲହଡ଼ାର ସଦସ୍ୟ ଏବଂ ଉପଦେଷ୍ଟା ଆଡଭୋକେଟ୍ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ମହାସଂଘର ସଦସ୍ୟ ଭୁବନ ବିଶ୍ୱାଳଙ୍କ ଧନ୍ୟବାଦ ଅର୍ପଣ ପରେ ସଭାପତି କାର୍ଯ୍ୟକ୍ରମକୁ ସାଙ୍ଗ କରିଥିଲେ।

# ଭୁଲିଆ ସମାଜର ବାର୍ଷିକ ଉତ୍ସବ



**କିଶୋରନଗର, ୧୦।୧(ସମିସ):** ଅନୁଗୋଳ ଜିଲ୍ଲା ବେଲାଦୁଲା ଗ୍ରାମରେ ଅନୁଗୋଳ ଜିଲ୍ଲା ମେହେର ଭୁଲିଆ ସମାଜ ତରଫରୁ ପଞ୍ଚମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ନିଖିଳ ଓଡ଼ିଶା ମେହେର ଭୁଲିଆ ସମାଜର ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ସୁରେନ୍ଦ୍ର ମେହେର, ରାଜ୍ୟ ସଂଯୋଜକ ସୁବାଷ ମେହେର, ସୋନପୁର ସଭାପତି ପ୍ରଫୁଲ୍ଲ ମେହେର ଅତିଥି ରୂପେ ମଞ୍ଚାସୀନ ଥିଲେ। ଉକ୍ତ ସଭାପରେ ପ୍ରତାପ ମେହେର ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। କୁନି କଳାକାର ପୂଜା ମେହେର, ଅନୁପମା ମେହେର, ପୁଷ୍ପାଞ୍ଜଳି ମେହେର, ରୂପାଲି ମେହେର ଓ ଲିନା ମେହେର ଅତିଥିଙ୍କ ପାଇଁ ସ୍ୱାଗତ ବନ୍ଦନା କରିଥିଲେ। ଅନୁଗୋଳ ଜିଲ୍ଲା ମେହେର ଭୁଲିଆ ସମାଜର ସଭାପତି ନନ୍ଦୀ କିଶୋର ମେହେର ସଭା ପରିଚାଳନା କରିଥଲେ। ସମ୍ପାଦକ ଯୁଧିଷ୍ଠିର ମେହେର ପୂର୍ବ ବର୍ଷ ବାର୍ଷିକ ବିବରଣୀ ପଠନ କରିଥିଲେ। ନୂତନ ଜିଲ୍ଲା କମିଟି ଗଠନ ହୋଇଥିଲା ଏଥିରେ ସଭାପତି ନନ୍ଦିକିଶୋର ମେହେର, କାର୍ଯ୍ୟକାରୀ ସଭାପତି - ପ୍ରତାପ ମେହେର, ଉପ ସଭାପତି - ଲକ୍ଷ୍ମଣ ମେହେର, ସମ୍ପାଦକ - ଯୁଧିଷ୍ଠିର ମେହେର, ସହ ସଂପାଦକ - ଗୁଣନିଧି ମେହେର, କୋଷାଧ୍ୟକ୍ଷ - ନରେନ୍ଦ୍ର ମେହେର, ଉପଦେଷ୍ଟା - ଓଁକାର ମେହେର, ସଦସ୍ୟ ସୁମନ୍ତ ମେହେର, ବସନ୍ତ ମେହେର, ସୁନିତା ମେହେର, ସରସ୍ୱତୀ ମେହେର, କୌଶିକ ମେହେର, ରାଜୀବ ମେହେର, ସରୋଜ ମେହେର ଆଦି ଚୟନ ହୋଇଥିଲା। ଶେଷରେ ସଭାପତି ନନ୍ଦିକିଶୋର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଚକବନ୍ଦୀ ଉଚ୍ଛେଦ ଦାବି ତୀବ୍ରତର




**ଅନୁଗୋଳ, ୧୦।୧(ସମିସ):** ଚାଷୀ ସୁରକ୍ଷା କମିଟି, ଅନୁଗୋଳର ନେତୃତ୍ୱରେ ଅନୁଗୋଳ ଜିଲ୍ଲାର ୯୨ ଖଣ୍ଡ ଗ୍ରାମରୁ ଚକବନ୍ଦୀ ଉଚ୍ଛେଦ ଦାବିରେ ଚାଲିଥିବା ଗଣଧାରଣା ୫୮ତମ ଦିବସରେ ପହଞ୍ଚିଛି। ଆଜି ଦିନର ପାଳି ବଁଅରପାଳ ବ୍ଲକ ଅନ୍ତର୍ଗତ କୁରୁଡୋଲ ଗ୍ରାମର ଥିଲା। ବହୁ ପରିମାଣର ଚାଷୀ ଗଣଧାରଣା ସ୍ଥଳରେ ଉପସ୍ଥିତ ରହି ଧାରଣାକୁ ସଫଳ କରିଥିଲେ। ୧୯୮୨ ମସିହାରେ ଅନୁଗୋଳରେ ଚକବନ୍ଦୀ କାର୍ଯ୍ୟର ପରସମାପ୍ତି ହୋଇଥିଲେ ମଧ୍ୟ ସେ ସମୟରେ ପ୍ରଜାମାନଙ୍କୁ ତାଙ୍କର ରେକର୍ଡ ମୁତାବକ ଚକ ଦଖଲ ଦେଇପାରି ନଥିଲେ। କାରଣ ଉକ୍ତ କାର୍ଯ୍ୟ ପ୍ରଜାମାନଙ୍କର କୌଣସି ସୁବିଧା ଥିଲା ଭଳି ପ୍ରତୀୟମାନ ହେଉନଥିଲା। ଅସମ୍ପୂର୍ଣ୍ଣ ଚକବନ୍ଦୀ କାର୍ଯ୍ୟକ୍ରମ ଦୀର୍ଘ ୪୧ବର୍ଷ ହେଲା କୌଣସି ପ୍ରକାରେ ପୂର୍ଣ୍ଣତାପ୍ରାପ୍ତ ହୋଇପାରିଲା ନାହିଁ। ପ୍ରଜାମାନଙ୍କର ଚକବନ୍ଦୀ ଉଚ୍ଛେଦ ଆବେଦନକୁ କୌଣସି ପ୍ରଶାସନ ଗ୍ରହଣ କରିନଥିଲେ। ତେଣୁ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟହେବ ଚାଷୀମାନେ ନିଜ ଜମିର ରେକର୍ଡ ହରାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ବିରୋଧ କରି ବିଭିନ୍ନ ସମୟରେ ଅବଗତ କରାଯାଉଛି। ମାତ୍ର ଆଇନ୍ର ଆଳଦେଖାଇ ଏହାକୁ ଏଡାଇ ଦିଆଯାଇଛି। ତେଣୁ ଦୀର୍ଘ ଦିନର ଚାଷୀମାନଙ୍କର ଅସନ୍ତୋଷ ଏକ ଗଣଆନ୍ଦୋଳନରେ ପରିଣତ ହେବାକୁଯାଉଛି। ଏହି ନିକଟ ଅତୀତରେ ଏକ ଚକଭୁକ୍ତ ଜମିର ବିକ୍ରୟ, ବଣ୍ଟନ ଓ ହସ୍ତାନ୍ତର ପ୍ରକ୍ରିୟାକୁ ସରଳୀକରଣ କରିବା ଅନୁଗୋଳ ଚାଷୀମାନଙ୍କ ପ୍ରତି ଉପହାସ ମାତ୍ର। ଏହି ପରିପ୍ରେକ୍ଷୀରେ କୁରୁଡୋଲ ଗ୍ରାମର ସୁଶାନ୍ତ ପ୍ରଧାନ, କେଶବ ବିଶ୍ୱାଳ, ବିଭୂତି ସାହୁ, ଦିବାକର ମହାଲିକ, କୁମର ସାହୁ, ପ୍ରସନ୍ନ ସାହୁ, ହାଡିବନ୍ଧୁ ସାହୁ, ଅକ୍ରୁର ପ୍ରଧାନ, ଆର୍ତ୍ତତ୍ରାଣ ପ୍ରଧାନ, ପ୍ରଫୁଲ୍ଲ କୁମାର ସାହୁ, ଗଜେନ୍ଦ୍ର ସାହୁ, କିଶୋର ସାହୁ, କୃଷ୍ଣ ସାହୁ, ତରଣୀ ସାହୁ, ଅରୁଣ ସାହୁ, କହ୍ନେଇ ବିଶ୍ୱାଳ ଓ କନ୍ଦର୍ପ ସାହୁ ପ୍ରମୁଖ ଧାରଣାସ୍ଥଳରେ ଉପସ୍ଥିତ ରହି ଚକବନ୍ଦୀକୁ ଉଚ୍ଛେଦ କରିବା ପାଇଁ ନିଜ ନିଜର ମତବ୍ୟକ୍ତ କରିବା ସହିତ ଆନ୍ଦୋଳନକୁ ଜୋରଦାର କରିବାକୁ ମତ ପ୍ରଦାନ କରିଥିଲେ।

### ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା

# ଦେବାଙ୍ଗୀ ପାଣି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ

**ତାଳଚେର ୧୦।୧(ସମିସ):** ଭାରତ ସରକାଙ୍କ ଯୁବ ଓ କ୍ରୀଡ଼ା ବ୍ୟାପାର ମନ୍ତ୍ରଣାଳୟ ସହଯୋଗରେ ନେହେରୁ ଯୁବ କେନ୍ଦ୍ର ଅନୁଗୋଳ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗନ୍ନାଥ ଡିଏଭି ସ୍କୁଲର ଛାତ୍ରୀ ଦେବାଙ୍ଗୀ ପାଣି ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି ଏବଂ ରାଜ୍ୟସ୍ତରରେ ହେବାକୁ ଥିବା ବକ୍ତୃତା ପତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଏଥିପାଇଁ ଡିଏଭି ସ୍କୁଲର ଅଧକ୍ଷା, ଶିକ୍ଷକ, ଶିକ୍ଷୟିତ୍ରୀମାନେ ତାଙ୍କୁ ଶୁଭେଚ୍ଛା ଜଣେଇବା ସହ ଉନ୍ନତି କାମନା କରିଛନ୍ତି। ଅତିଥି ଭାବେ ଅନୁଗୋଳ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ଼ ଗଙ୍ଗାଧର କର, ଅଧାପକ ରାଜକିଶୋର ବେହେରା, ସମାଜସେବୀ ସୁଶାନ୍ତ କୁମାର ତ୍ରିପାଠୀଙ୍କ ଠାରୁ ଦେବାଙ୍ଗି ମାନପତ୍ର ଓ ପୁରସ୍କାର ଗ୍ରହଣ କରିଥିଲେ। ଏହି ସଫଳତା ପାଇଁ ଦେବାଙ୍ଗୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।



# ବିପଦସଙ୍କୁଳ ଅବସ୍ଥାରେ ପୂର୍ତ୍ତ ବିଭାଗ ପୋଲ

### ସୁରକ୍ଷା ବାଡ଼ ତିଆରି ହେବ କେବେ ?



**କିଶୋରନଗର,୧୦।୧(ସମିସ):** ଚଳିତ ବର୍ଷ ବଢ଼ିପାଣିରେ କିଶୋରନଗର ବ୍ଲକ ଘୋଷର ପୂର୍ତ୍ତ ବିଭାଗ ପୋଲର ସୁରକ୍ଷା ବାଡ଼ଗୁଡିକ ଭାଙ୍ଗି ଯାଇଥିବା ଯୋଗୁଁ ଲୋକେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ସେହିପରି ଏକା ସମୟରେ ରାଇବାହାଳ ପୂର୍ତ୍ତ ବିଭାଗ ପୋଲର ସୁରକ୍ଷା ବାଡ଼ ମଧ୍ୟ ବଢ଼ିପାଣିରେ ଭାଙ୍ଗି କ୍ଷତିଗ୍ରସ୍ତ ହୋଇଥିଲା। ହେଲେ ରାଇବାହାଳ ପୋଲର ସୁରକ୍ଷା ବାଡ଼ ନିର୍ମାଣ କାମ ସରିଥିବା ବେଳେ ଘୋଷର ପୋଲର ସୁରକ୍ଷା ବାଡ଼ କେବେ ନିର୍ମାଣ ହେବ ତାହାକୁ ନେଇ ଏବେ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ଖୁବଶୀଘ୍ର ସୁରକ୍ଷା ବାଡ଼ ନିର୍ମାଣ କରାଯିବ ବୋଲି ପ୍ରକାଶ କରିଥିଲେ।

# ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟଙ୍କ ଭୁବନ ବ୍ଲକ ଗସ୍ତ



**ଭୁବନ, ୧୦।୧ (ସମିସ):** ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ଅଚାନକ ପରିଦର୍ଶନ କରିଛନ୍ତି ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ ବେହେରା। କାର୍ଯ୍ୟକ୍ରମ ଅନୁସାରେ କାମାକ୍ଷାନଗର ବ୍ଲକ ସିଆରିମାଳିଆ ଅଙ୍ଗନବାଡ଼ି କେନ୍ଦ୍ର, ଭୁବନ ବ୍ଲକର ବଡ଼ମୁକ୍ତାପଶି ଅଙ୍ଗନବାଡ଼ି କେନ୍ଦ୍ର, ସରକାରୀ ଉପ୍ରା ସ୍କୁଲ ବଡ଼ମୁକ୍ତାପଶି, ଟିପିଲେଇ ଅଙ୍ଗନବାଡ଼ି କେନ୍ଦ୍ର, ଟିପିଲେଇ ସରକାରୀ ଉପ୍ରା ସ୍କୁଲ, ଭାଦଳିଆପଶି କୋଲ୍ହ ସାହି ଅଙ୍ଗନବାଡ଼ି କେନ୍ଦ୍ର, ଭାଦଳିଆପଶି ସରକାରୀ ଉପ୍ରା ସ୍କୁଲ, ଭୁଷଳ ଅଙ୍ଗନବାଡ଼ି କେନ୍ଦ୍ର, ଭୁଷଳ କୀର୍ତ୍ତନପୁର୍ ଉପ୍ରା ସ୍କୁଲ, ସ୍ୱାମୀ ତ୍ରିଗୁଣା ନନ୍ଦ ହାଇସ୍କୁଲ ଭୂଷଳ କୀର୍ତ୍ତନପୁର, ସରକାରୀ ଉପ୍ରା ସ୍କୁଲ ସାମଳ, ସରକାରୀ ଉପ୍ରା ସ୍କୁଲ ବଳରାମପୁର ଓ ଡମଶାଳା ସେବାଶ୍ରମ ସ୍କୁଲ ପରିଦର୍ଶନ କରି ମଧାହ୍ନ ଭୋଜନର ମାନ ଯାଞ୍ଚ କରିଥିଲେ। ପରିଦର୍ଶନ ସମୟରେ ସ୍କୁଲ , ଅଙ୍ଗନବାଡ଼ି କେନ୍ଦ୍ରର ପରିବେଶ ପ୍ରତି ଅସନ୍ତୋଷ ପ୍ରକାଶ କରିଥିଲେ। କିଛି ଅଙ୍ଗନବାଡ଼ି କେନ୍ଦ୍ରରେ ଓ ସ୍କୁଲରେ ତ୍ରୁଟିକୁ ସୁଧାରିବା ପାଇଁ ଶ୍ରୀଯୁକ୍ତ ବେହେରା ସେମାନଙ୍କୁ ଉପଦେଶ ଦେଇଥିଲେ। ରାଜ୍ୟ ସରକାରଙ୍କ ତରଫରୁ ଆସୁଥିବା ଖାଦ୍ୟଗୁଡ଼ିକ ସ୍ୱଚ୍ଛତା ସହ ପୃଷ୍ଟିକର ଖାଦ୍ୟ ଛାତ୍ରଛାତ୍ରୀମାନଙ୍କୁ କିପରି ଦିଆଯିବ, ତା ଉପରେ ଗୁରୁତ୍ୱ ଦିଆଯାଉଛି। ଏପରି ଅଚାନକ ପରିଦର୍ଶନ ଆଗକୁ ଜାରି ରହିବ ବୋଲି ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ କହିଛନ୍ତି।

# ଅଯୋଧାରୁ ଆସିଥିବା ଅକ୍ଷତ ଓ ନିମନ୍ତ୍ରଣ ପତ୍ର ବଣ୍ଟନ



**ତାଳଚେର, ୧୦।୧(ସମିସ):** ତାଳଚେରରେ ଶ୍ରୀରାମ ଜନ୍ମଭୂମୀ ତୀର୍ଥକ୍ଷେତ୍ର ଅଯୋଧା ପକ୍ଷରୁ ଘର ଘର ବୁଲି ନିମନ୍ତ୍ରଣ ପତ୍ର, ଅକ୍ଷତ ଓ ପ୍ରଭୁ ଶ୍ରୀରାମଙ୍କ ଫଟୋଚିତ୍ର ବଣ୍ଟନ କରାଯାଇଛି। ସମଗ୍ର ତାଳଚେରରେ ନିମନ୍ତ୍ରଣ ପହଞ୍ଚାଇବା ପାଇଁ ସ୍ୱତନ୍ତ୍ର ଭାବେ ଦାୟିତ୍ୱ ବଣ୍ଟନ କରାଯାଇଛି। ବୁଧବାର ତାଳଚେର ବ୍ଲକର ବଡ଼ ଯୋରୋଡ଼ା ଗ୍ରାମରେ ହଜାର ହଜାର ରାମଭକ୍ତ ଶୋଭାଯାତ୍ରାରେ ସାମିଲ ହୋଇ ଅକ୍ଷତ ଓ ନିମନ୍ତ୍ରଣ ପତ୍ର ବଣ୍ଟନ କରିଥିଲେ। ଜାନୁଆରୀ ୨୨ ତାରିଖରେ ସମସ୍ତଙ୍କ ଘରେ ଦିନ ୧୧ ଟାରୁ ୧ ଟା ମଧ୍ୟରେ ପୂଜାର୍ଚ୍ଚନା କରିବା ସହ ସନ୍ଧ୍ୟାରେ ଦୀପ ଜାଳି ଦୀପାବଳି ଉତ୍ସବ ପାଳନ କରିବାକୁ ନିବେଦନ କରିଥିଲେ। ସେହିଭଳି ସମସ୍ତ ମନ୍ଦିରକୁ ସ୍ୱଚ୍ଛ କରି ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା କରିବାକୁ ନିବେଦନ କରାଯାଇଛି। ରାମଭକ୍ତ କାଳନ୍ଦି ସାମଲ, ପର୍ଶୁରାମ ବାରିକ, ମାୟାଧର ସାହୁ, ଶ୍ରୀକାନ୍ତ ବିଶ୍ୱାଳ, ହିମାଂଶୁ ସାହୁ, ଜବାହର ପ୍ରଧାନ, ନିର୍ମଳ ପ୍ରଧାନ, ଅଭୟ ପ୍ରଧାନ, ବିଦେଶୀ ଦେହୁରୀ, ସରପଞ୍ଚ ଜିତେନ ବେହେରା, ସମିତି ସଭ୍ୟ ବିକ୍ରମ ବେହେରା, ଉଦଉନାଥ ନାୟକ, ଅଧିକାରୀ ସାହୁ, ବଳରାମ ସାହୁ ସୁଧୀର ସାହୁ, ଶୌଭାଗିନୀ ପ୍ରଧାନ, ବିଭୁତି ସାହୁ, ମନୋଜ ପ୍ରଧାନ, ଯସ୍ମୀନ ପ୍ରଧାନଙ୍କ ସମେତ ବହୁ ରାମଭକ୍ତ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂଘର ବିଭିନ୍ନ କ୍ଷେତ୍ରର କାର୍ଯ୍ୟକର୍ତ୍ତା, ସମସ୍ତ ରାମଭକ୍ତ, ବିଶିଷ୍ଟ ବ୍ୟକ୍ତି, ସଂକୀର୍ତ୍ତନ ମଣ୍ଡଳୀ, ଧର୍ମାନୁଷ୍ଠାନ ସାମିଲ ହୋଇ ପ୍ରଭୁ ଶ୍ରୀରାମଙ୍କ କାର୍ଯ୍ୟରେ ଭବ୍ୟ ପରିବେଶ ମଧ୍ୟରେ ଅକ୍ଷତ ବଣ୍ଟନ କରୁଛନ୍ତି।

# ଝାମ୍ପୁଲ୍ଲୀ କପ୍ କ୍ରିକେଟ ଫାଇନାଲରେ ବଂଶୀମୁଣ୍ଡା

**କିଶୋରନଗର, ୧୦।୧(ସମିସ):** କିଶୋରନଗର ବ୍ଲକ ଝାମ୍ପୁଲ୍ଲୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ମ୍ୟାଚରେ ବାମୁରର ବଂଶୀମୁଣ୍ଡା ଦଳ ରଣିଆକଟା ଦଳକୁ ୨ ଓ୍ୱିକେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଆଜିର ଖେଳକୁ ସୋମନାଥ ରାଉଳ ଓ ଜଗନ୍ନାଥ ରାଉଳ ପରିଚାଳନା କରିଥିଲେ। ଲିଙ୍କନ ପ୍ରଧାନ, ଆଶିଷ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ତାପସ ରଣା ଓ ବାବୁ ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଗୁରୁବାର କଦଳୀମୁଣ୍ଡା ଦଳ ଓ ବଂଶୀମୁଣ୍ଡା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# କଳା ହୀରାର ସହରରେ ଘନ କୁହୁଡ଼ିର ଚାଦର

**ତାଳଚେର, ୧୦।୧(ସମିସ):** କଳା ହୀରାର ସହରରେ ଘନ କୁହୁଡ଼ିର ଚାଦର। ସକାଳୁ ସକାଳୁ ତାଳଚେରରେ ଘନ କୁହୁଡ଼ି ଦୃଶ୍ୟମାନ ହୋଇଛି। ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ଘନ କୁହୁଡ଼ି ପାଇଁ ଦୃଶ୍ୟମାନ ହେଉନି ୧୦ ମିଟର ରାସ୍ତା। ଲୋକଙ୍କୁ ଯାତାୟାତରେ ବାଧାପ୍ରାପ୍ତ ହେଉଛି। ଗାଡ଼ିଚାଳକ ଗାଡ଼ି ଲାଇଟ ଲଗେଇ ଯାତାୟାତ କରୁଥିବା ଦେଖାଯାଇଛି। ସେହିପରି ଗାଁ ଗହଳିରେ ମଧ୍ୟ ସେହି ସମାନ ଅବସ୍ଥା ଦେଖିବାକୁ ମିଳିଛି। ଘନକୁହୁଡ଼ି ଯୋଗୁଁ ରାସ୍ତାଘାଟ କିଛି ବି ଦେଖାଯାଉନି। ଫଳରେ ସକାଳେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

### ପବିତ୍ରନଗର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ରକେଟ୍ ଏକ୍ସଆଇ ମୁମ୍ବାଇ ଚାମ୍ପିଅନ

**ପବିତ୍ରନଗର,୧୦।୧( ସମିସ)**




ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ପବିତ୍ରନଗର ମିନି ଷ୍ଟାଡିୟମରେ ଚାଲିଥିବା ପବିତ୍ରନଗର କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ଉଦଯାପନୀ ଦିବସରେ ଫାଇନାଲ ମ୍ୟାଚରେ ରକେଟ ଏକ୍ସଆଇ ମୁମ୍ବାଇ ଚାମ୍ପିଅନ ହୋଇଥିବା ବେଳେ ବୋକାରୋ ଷ୍ଟାର ଏକ୍ସଆଇ ଝାଡ଼ଖଣ୍ଡ ରନର୍ସ ଅପ୍ ହୋଇଛି। ଝାଡ଼ଖଣ୍ଡର ବୋକାରୋ ଷ୍ଟାର ଏକ୍ସଆଇ ଟସ୍ ଜିଣି ବ୍ୟାଟିଂ କରି ୨୨ ଓଭରରେ ୧୦୯ ରନରେ ଅଲଆଉଟ ହୋଇଯାଇଥିଲା। ଜବାବରେ ମୁମ୍ବାଇର ରକେଟ ଏକ୍ସଆଇ ମାତ୍ର ୧୭ ତମ ଓଭରରେ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିବା ସହିତ ବିଜୟୀ ହୋଇଥିଲା। ମୁମ୍ବାଇର କ୍ୟାପଟେନ କମଲ ଯାଦବ ଭଲ ଖେଳ ପ୍ରଦର୍ଶନ କରି ଉଭୟ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ ଦି ସିରିଜ ଭାବେ ପୁରସ୍କୃତ ହୋଇଥିଲେ। ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଦ୍ୟ ନିଗମ ଅଧକ୍ଷ ଅବନୀକାନ୍ତ ସାହୁ, ମୁଖ୍ୟବକ୍ତା ଭାବେ ବରିଷ୍ଠ ବୁଦ୍ଧିଜୀବୀ ମାନସ ରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରିକେଟ ଆସୋସିଏସନ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ସାହୁ, ସାମାଜିକ କାର୍ଯ୍ୟକର୍ତ୍ତା ବିଭୁତି ପ୍ରଧାନ, ଇଂ ଜିତେନ୍ଦ୍ର ସାହୁ, ପରାବିଲ ଗ୍ରାମ ସଭାପତି ରଘୁନାଥ ପ୍ରଧାନ, ରଜଡ଼ଙ୍ଗ ସରପଞ୍ଚ ପ୍ରମୁଖ ଯୋଗ ଦେଇଥିଲେ। କ୍ଲବର ବରିଷ୍ଠ ସଦସ୍ୟ ବ୍ରହ୍ମାନନ୍ଦ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କ୍ଲବର ପ୍ରାଥମିକ ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ଚାମ୍ପିଅନ, ରନର୍ସ ଅପ୍, ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ବୋଲର, ଫିଲ୍ଡରଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭାପତି ଅଜୟ ପ୍ରଧାନ ଓ ସମ୍ପାଦକ ଅରୁଣ ପ୍ରଧାନଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କ୍ଲବର ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

ପିଡିଏସ୍ ଚାଉଳ ବଣ୍ଟନରେ ଅନିୟମିତତା

# ହିତାଧିକାରୀଙ୍କ ୪ ଘଣ୍ଟା ରାସ୍ତାରୋକ



ଖଜୁରୀପଡ଼ା, ୧୦।୧(ସମିସ)

କନ୍ଧମାଳ ଜିଲ୍ଲା ଖଜୁରିପଡ଼ା ବ୍ଲକ ଦୁତୀମେଣ୍ଡି ପଞ୍ଚାୟତରେ ପିଡିଏସ୍ ଚାଉଳ ବଣ୍ଟନରେ ଅନିୟମିତତା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଅଞ୍ଚଳବାସୀ ରାସ୍ତାରୋକ କରିଥିଲେ। ତେବେ ପ୍ରଶାସନର ହସ୍ତକ୍ଷେପ ପରେ ରାସ୍ତାରୋକ ହଟିଥିଲା। ଖଜୁରୀପଡ଼ା ବ୍ଲକର ପ୍ରତି ପଞ୍ଚାୟତରେ ରାସନ ଚାଉଳ ବଣ୍ଟନ ହେଉଥିବାବେଳେ ଦୁତୀମେଣ୍ଡି ପଞ୍ଚାୟତକୁ ଏ ପର୍ଯ୍ୟନ୍ତ ଚାଉଳ ଆସି ନ ଥିଲା। ଏହି ପଞ୍ଚାୟତବାସୀ ଦୂତୀପଡ଼ା ଲ୍ୟାମ୍ପ ସିଏସ ତରଫରୁ ଦୁତୀମେଣ୍ଡି ଠାରେ ରାସନ ଚାଉଳ ପାଉଥିଲେ କିନ୍ତୁ ଚଳିତ ମାସରେ ଧାର୍ଯ୍ୟ ସମୟରେ ଚାଉଳ ଲ୍ୟାମ୍ପକୁ ନ ଆସିବାରୁ ପଞ୍ଚାୟତ ବାସୀ ରାସନ ଚାଉଳ ପାଇବାରୁ ବଞ୍ଚିତ ଥିଲେ। ଏନେଇ ଖବର ପ୍ରକାଶ ପାଇବାପରେ ଉକ୍ତ ଦିନ ଦୁତିମେଣ୍ଡି ପଞ୍ଚାୟତର ରାସନ୍ କାର୍ଡ ହିତାଧିକାରୀ ମାନେ ଆସି ପ୍ରାୟ ୪ ଘଣ୍ଟା ଧରି ଫୁଲବାଣୀ ଭୁବନେଶ୍ୱର ଜାତୀୟ ରାଜପଥ ୧୫୭କୁ ଅବରୋଧ କରିଥିଲେ। ଖବର ପାଇ ପୁଲିସ ବାହିନୀ ସହିତ ଖଜୁରୀପଡ଼ା ବିଡିଓ ଜର୍ଜ ଡୁଙ୍ଗୁ ଡୁଙ୍ଗୁ, ଜିଲ୍ଲା ଅତିରିକ୍ତ ଖାଦ୍ୟ ଯୋଗାଣ ଅଧିକାରୀ ଦିଲ୍ଲୀପ କୁମାର୍ ପାଣିଗ୍ରାହୀ, ବ୍ଲକ ଖାଦ୍ୟ ଯୋଗାଣ ଅଧିକାରୀ ପି.ଭାର୍ଗବୀ ପହଞ୍ଚି ହିତାଧିକାରୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଉତ୍ୟକ୍ତ ଲୋକେ କିଛି ମଧ ବୁଝି ନ ଥିଲେ। ବିଡ଼ିଓ ଜର୍ଜ ଡୁଙ୍ଗୁ ଡୁଙ୍ଗୁଙ୍କ ଉପସ୍ଥିତିରେ ରାସନ୍ ଚାଉଳ ଆସି ପହଞ୍ଚିଲା ଏବଂ ଚାଉଳ ମଲ୍ଲିକ ସାହି ସ୍କୁଲରେ ବଣ୍ଟନ ହେବା ପରେ ଅପରାହ୍ନ ପ୍ରାୟ ଦେଢ଼ଟାରେ ରାସ୍ତା ରୋକ ପ୍ରତ୍ୟାହୃତ ହେବା ସହ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ରାଜ୍ୟପାଳଙ୍କ ଦିନିକିଆ ଗଜପତି ଗସ୍ତ




ପାରଳାଖେମୁଣ୍ଡି/ଗୋଷାଣି/ଗୁମ୍ମା, ୧୦।୧(ସମିସ): ମହାମହିମ ରାଜ୍ୟପାଳ ରଘୁବର ଦାସ ବୁଧବାର ଦିନିକିଆ ଗଜପତି ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ବ୍ଲକାଞ୍ଚଳର କାର୍ଯ୍ୟକ୍ରମ ଗୁଡିକରେ ଯୋଗଦେଇ ଆଲୋଚନା କରିଛନ୍ତି। ପ୍ରଥମେ ଗଂଜାମ ଜିଲ୍ଲାରୁ ସଡକପଥରେ ଆସି ଗୋଷାଣି ବ୍ଲକ ଅଫିସ ପରିସରରେ ପହଞ୍ଚିଥିଲେ। ଏଠାରେ ଜିଲ୍ଲା ଓ ବ୍ଲକ ପ୍ରଶାସନ ତରଫରୁ ସ୍ୱାଗତ ଜଣାଇବା ସହ ଗଜପତି ଜିଲ୍ଲା ପୁଲିସ ପକ୍ଷରୁ ପ୍ରଥମେ ଗାର୍ଡ ଅଫ ଅନର ଦେବା ପରେ ଆୟୋଜିତ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ମା'ମାନଙ୍କ ଦ୍ୱାରା ବିଭିନ୍ନ ଉତ୍ପାଦନ ସାମଗ୍ରୀ ଷ୍ଟଲକୁ ଉଦଘାଟନ କରିଥିଲେ। ଏହା ସହ ବେଟି ବଚାଓ, ବେଟି ପଢ଼ାଅ, ଝିଅ କିମ୍ବା ପୁଅ ମଧ ଫରକ ନ ଦେଖିବା, ଆଦିବାସୀ ତଥା ପଛୁଆଙ୍କୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବା ଆଦି ଉପରେ କହିଥିଲେ। ଏହାପରେ ଗୋଷାଣି ଗ୍ରାମ ପରିକ୍ରମା କରି ପ୍ରଧାନ ମନ୍ତ୍ରୀ ଆବାସିକ ଯୋଜନା ହିତାଧିକାରୀଙ୍କୁ ଭେଟି ପଚାରି ବୁଝିବା ସହ ପ୍ରଧାନମନ୍ତ୍ରୀ ଆବାସିକ ଯୋଜନାର ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପରେ କେରାଣ୍ଡି ପଞ୍ଚାୟତ ଅନ୍ତର୍ଗତ ରାମଲିଙ୍ଗେଶ୍ୱର ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ସେଞ୍ଚୁରିୟନ ୟୁନିଭେର୍ସିଟିରେ ମତ୍ସ୍ୟ ସମ୍ପଦ ଜାଗୃତା ଅଭିଯାନ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ସେ ବିଭିନ୍ନ ଚାଷୀମାନଙ୍କ ସହ ବାର୍ତ୍ତାଳପ କରିଥିଲେ। ପ୍ରୋଟକୋଲକୁ ନ ଦେଖି ରାଜ୍ୟପାଳ ଶ୍ରୀଯୁକ୍ତ ଦାସ ଚାଷୀମାନଙ୍କ ମଧ୍ୟକୁ ଯାଇ ବିଭିନ୍ନ ଆଲୋଚନା କରିଥିବାର ଦେଖିବାକୁ ମିଳିଛି। ଚାଷୀମାନେ ରାଜ୍ୟପାଳଙ୍କୁ ସଫଳତାର କାହାଣୀ କହିଥିବା ବେଳେ ଆଉକେତକ ଚାଷୀମାନେ ସରକାରୀ ଯୋଜନାରେ ସୁବିଧା ମିଳୁନଥିବାର ଜଣାଇଥିଲେ। ଏନେଇ ରାଜ୍ୟପାଳ କହିଥିଲେ ଯେ ସରକାର ସହଯୋଗ କରିବାକୁ ଅଛନ୍ତି। ଏହାପରେ ପାରଳାଖେମୁଣ୍ଡିର ସର୍କିଟ ହାଉସ ଠାରେ କିଛି ସମୟ ରହଣି କରିଥିଲେ। ଏହି ସମୟରେ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ ଏବଂ ବିଜେପି ନେତାମାନେ ରାଜ୍ୟପାଳଙ୍କୁ ସ୍ୱାଗତ କରିବା ପରେ ବିଭିନ୍ନ ସମସ୍ୟାକୁ ନେଇ ସ୍ମାରକ ପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ୍. କୁମାର, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜି ପ୍ରମୁଖଙ୍କ ସମେତ ପଦ୍ମପୁର ଗ୍ରାମ ଠାରେ ପାରଳା ବିଧାୟକ କେ.ନାରାୟଣ ରାଓ ଯୋଗ ଦେଇଥିଲେ। ରାଜ୍ୟପାଳଙ୍କ ଗସ୍ତ ସମୟରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ଜିଲ୍ଲାପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଡ.ଗୁଣନିଧି ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଜଗନ୍ନାଥ ଅର୍ପଣ ରଥ ପରିକ୍ରମା



ଗୁମ୍ମା, ୧୦।୧(ସମିସ): ଗୁମ୍ମା ବ୍ଲକ ଅନ୍ତର୍ଗତ ଜିବା ଓ ତରଙ୍ଗଡ଼ା ପଞ୍ଚାୟତ ସ୍ତରରେ ଭ୍ରମଣ କରୁଛି ଅର୍ପଣ ରଥ। ଏହି ଅବସରରେ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଶଶୀଭୂଷଣ ମହାନ୍ତି, ଯୁବ ନେତା ଇ ରୂପେଶ ପାଣିଗ୍ରାହୀ, ବ୍ଲକ ଅଧକ୍ଷା ସୁନେମି ମଣ୍ଡଳ, ଜିଲ୍ଲା ପରିଷଦ ସଭ୍ୟା ସନ୍ଧ୍ୟା ଶବର, ଉପାଧକ୍ଷ ଏସ ଶ୍ରୀନିବାସ ଓ ବିଭିନ୍ନ ପଞ୍ଚାୟତ ସ୍ତରର ବିଜେଡି ନେତା ଯୋଗ ଦେଇଥିଲେ। ତିନି ଦିନ ଧରି ଜଗନ୍ନାଥ ଅର୍ପଣ ରଥ ପରିକ୍ରମା ଚାଲିଥିବାବେଳେ ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ଗୁମ୍ମା ବ୍ଲକର ସମସ୍ତ ପଞ୍ଚାୟତ ପରିକ୍ରମା କରାଯିବ ବୋଲି ବିଡ଼ିଓ ଶରତ କୁମାର ପାତ୍ର କହିଛନ୍ତି।

● ମିଳିଲାନି ମହାପ୍ରୟାଣ ଗାଡ଼ି

# ବେସରକାରୀ ଉଦ୍ୟମରେ ଘରକୁ ଗଲା ଶବ

ଫିରିଙ୍ଗିଆ, ୧୦।୧(ସମିସ): ମହାପ୍ରୟାଣ ଗାଡ଼ି ନମିଳିବାରୁ ଘରେଇ ଅନୁଷ୍ଠାନର ସହାୟତରେ ଶବ ଘରକୁ ପହଞ୍ଚିଛି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତ ପୋଡାପଡ଼ା ଗାଁର ମଦନ ଭୁକ୍ତା(୭୦ଙ୍କ ଶରୀର ଅସୁସ୍ଥ ହେବାରୁ ମଙ୍ଗଳବାର ତାଙ୍କୁ ଫିରିଙ୍ଗିଆ ଡାକ୍ତରଖାନାରେ ଭର୍ତ୍ତିର୍ କରାଯାଇଥିଲ। ତେବେ ବୁଧବାର ଭୋର ଚାରିଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ବୃଦ୍ଧଙ୍କ ପରିବାର ଲୋକେ ଶବ କୁ ଘରକୁ ନେବାପାଇଁ ଏକ ଆମ୍ବୁଲାନ୍ସ କିମ୍ବା ଶବବାହକ ଗାଡି ପାଇଁ ଯୋଗାଯୋଗ କରିଥିଲେ ଓ ଫିରିଙ୍ଗିଆ ମେଡିକାଲରେ ଶବ ନେବା ପାଇଁ ଏକ ସରକାରୀ ଆମ୍ବୁଲାନ୍ସ ଥିଲେ ମଧ୍ୟ ଡ୍ରାଇଭର ନଥିବାରୁ ଆମ୍ବୁଲାନ୍ସ ମିଳିନଥିଲା ଓ ପରେ ଫୁଲବାଣୀରେ ଥିବା ମହାପରାୟଣ ଗାଡିକୁ ମଧ୍ୟ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଏଥିରେ ମଧ୍ୟ ପରିବାର ଲୋକେ ଅସଫଳ ହୋଇଥିଲେ। ଶେଷରେ ଫିରିଙ୍ଗିଆ ପ୍ରେସ କ୍ଲବର ହସ୍ତକ୍ଷେପ ପରେ ଫୁଲବାଣୀ ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଟିମ ହ୍ୟୁମାନୀଟିକୁ ଯୋଗାଯୋଗ କରାଯାଇଥିଲା। ଫିରିଙ୍ଗିଆ ପ୍ରେସ କ୍ଲବ ସଭାପତି ଉତ୍ତମ ଖମାରି ନିଜେ ଡ୍ରାଇଭିଂ କରି ଶବକୁ ପୋଡପଡ଼ାକୁ ପହଞ୍ଚାଇଥିଲେ। ଏନେଇ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଚାରିବାରୁ ଫିରିଙ୍ଗିଆରେ ଥିବା ଆମ୍ବୁଲାନ୍ସ ଡ୍ରାଇଭର ଜଣକ ଚାକିରୀରୁ ଅବସର ଗ୍ରହଣ କରିଥିବାରୁ ଆମ୍ବୁଲାନ୍ସ ଚାଲି ପାରୁନାହିଁ ବୋଲି କହିଛନ୍ତି। ଅନ୍ୟପଟେ ଆମ୍ବୁଲାନ୍ସ ଥାଇ ମଧ୍ୟ ରୋଗୀଙ୍କୁ ସେବା ମିଳି ପାରୁନଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

# ଚାରି ୱାରେଣ୍ଟି ଗିରଫ

ଫିରିଙ୍ଗିଆ, ୧୦।୧(ସମିସ):ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ପୁଲିସ ବୁଧବାର ବିଭିନ୍ନ ମାମଲାରେ ୱାରେଣ୍ଟି ଥିବା ଚାରିଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି।



ଅଭିଯୁକ୍ତ ମାନଙ୍କ ମଧରେ ୨୦୦୮ କନ୍ଧମାଳ ଦଙ୍ଗାରେ ସମ୍ପୃକ୍ତ ଦୁଇଜଣ ଅଭିଯୁକ୍ତ ରହିଛନ୍ତି। ସେମାନେ ହେଲେ ଫିରିଙ୍ଗିଆ ବ୍ଲକ ତମ୍ପିସୁଗା ଗାଁର ସୁଲେ କହଁର ଓ ଡାହାଶପଲ୍ଲୀ ଗାଁର ନିକୁଞ୍ଜ କହଁର। ଦୁଇ ଅଭିଯୁକ୍ତ ଦଙ୍ଗା ପରଠାରୁ ପୁଲିସର ଗିରଫ ଭୟରେ ଫେରାର ଥିଲେ। ଅନ୍ୟପଟେ ଆଉ ଦୁଇଜଣ ଅଭିଯୁକ୍ତଙ୍କୁ ପୁଲିସ ଗଞ୍ଜେଇ ଓ ମଦ ବିକ୍ରି ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୋଛାପଡ଼ା ଥାନା କାକାମାହା ଗାଁର ମୃତ୍ୟୁଞ୍ଜୟ ବିନ୍ଧାଣି ଓ ପାଣ୍ଡୁପଦର ଗାଁର ପର୍ଶୁରାମ ଦିଗାଲ। ବୁଧବାର ଏହି ଚାରିଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଅତିରିକ୍ତ ଥାନା ଅଧିକାରୀ ମନୋରଞ୍ଜନ ଭୋଇ କହିଛନ୍ତି।

# ସଡ଼କ ସୁରକ୍ଷା ସପ୍ତାହ ସଚେତନତା କାର୍ଯ୍ୟକ୍ରମ

ଚକାପାଦ, ୧୦।୧(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତିର ସମ୍ପାଦକ ଇଂ ହରିଶଙ୍କର ରାଉତ ଓ ଆଞ୍ଚଳିକ ପରିବହନ ଅଧିକାରୀ ଶିଶିର କୁମାର ସାହୁଙ୍କ ତତ୍ତ୍ୱାବଧାନରେ କାସିନିପଦର ବାଲୁଙ୍କେଶ୍ୱର ଦଣ୍ଡ ବୀଣାକର କାଶ୍ୟପ ଖମାରିଙ୍କ ଦ୍ୱାରା ବୀଣାକର ନୃତ୍ୟ ମାଧମରେ ଶଙ୍କରାଖୋଲ ବଜାରରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ହେଲମେଟ୍ ବ୍ୟବହାର କରିବା, ଦ୍ରୁତ ବେଗରେ ଗାଡ଼ି ନ ଚଲେଇବା, ଗାଡ଼ି ଚଳାଇବା ବେଳେ ନିଶା ସେବନ ନ କରିବା, ମୋବାଇଲ୍ ଫୋନ ବ୍ୟବହାର ନ କରିବା, ୧୮ ବର୍ଷରୁ କମ ବୟସର ପିଲାଙ୍କୁ ଗାଡ଼ି ଚଲେଇବାକୁ ନ ଦେବା, ଗାଡ଼ିର କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ ନ କରିବା, ସିଟ୍ ବେଲ୍ଟ ବ୍ୟବହାର କରିବା ଆଦି ବିଷୟକୁ ନେଇ ବିଭିନ୍ନ ପ୍ରକାର ଗୀତ ନାଚ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯାଇଥିଲା।

# ଫିରିଙ୍ଗିଆରେ ଗଢ଼ିଲା ଅର୍ପଣ ରଥ



ଫିରିଙ୍ଗିଆ, ୧୦।୧ (ସମିସ): ଶ୍ରୀମନ୍ଦିର ପରିକ୍ରମା ଲାଗି ଆରମ୍ଭ ହୋଇଥିବା ୪ଟି ଅର୍ପଣ ରଥକୁ ବିଡିଓ ଅନୁପ ଅଭିଷେକ ବେହେରା ଆରମ୍ଭ କରାଯାଇଥିଲା। ଫିରିଙ୍ଗିଆ ଜଗନ୍ନାଥ ମନ୍ଦିରରେ ରଥ ଗୁଡିକୁ ପୂଜାଅର୍ଚ୍ଚନା କରାଯାଇ ରଥ ଗୁଡିକ ଗଡ଼ିବା ଆରମ୍ଭ କରାଯାଥିଲା। ମୁଖ୍ୟ ପୂଜକ କାଳିଆ ପଣ୍ଡା ବୈଦିକ ରୀତିନୀତିରେ ଏହି ରଥଗୁଡିକର ପୂଜାର୍ଚ୍ଚନା କରିଥିଲେ। ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସୁମନ୍ତ ଉଠାଣ ସିଂ, ଜୀବିକା ମିଶନ ସଂଯୋଜକ ସଂଗ୍ରାମ କେଶରୀ ସାହୁ, ଗ୍ରାମ୍ୟ ଗୃହ ନିର୍ମାଣ ସଂଯୋଜକ ଭବାନୀ ଶଙ୍କର ଦେଓ ଫିରିଙ୍ଗିଆ ସମିତି ସଭ୍ୟା ମୌସୁମୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀଜଗନ୍ନାଥ ଅର୍ପଣ ରଥ ପରିକ୍ରମା



ଜି. ଉଦୟଗିରି, ୧୦।୧(ସମିସ): ଜି ଉଦୟଗିରି ବ୍ଲକ ଅନ୍ତର୍ଗତ ରାଇକଲା ପଞ୍ଚାୟତର ବଡ଼ ଡାକପଲା, ସାକାଡି, ରାଇପଲୀ, ଖାରିଆପଡ଼ା, ମହାନାଜୁ, ଦୁବେନାଜୁ ଆଦି ଗ୍ରାମରେ ଶ୍ରୀ ଜଗନ୍ନାଥ ଅର୍ପଣ ପରିକ୍ରମା ରଥ ଯାତ୍ରା କରିଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଧିର କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଜୟ ଜଗନ୍ନାଥ ପରିକ୍ରମା କରିଥିଲା। ଏଥିରେ ଚାଉଳ, ଗୁଆ ଦାନ କରିଥିଲେ। ସ୍ୱେଚ୍ଛାସେବୀ ଶଶି ଭୂଷଣ ଓ ଗଲିୟାତ ମଳିକ ସହଯୋଗ କରିଥିଲେ। ଏଥିରେ ସତ୍ୟ ପ୍ରଧାନ ଓ ଲଡ୍ଡୁ କିଶୋର ପ୍ରଧାନ କୀର୍ତ୍ତନ ଦଳ ଭାଗ ନେଇଛନ୍ତି।

# ଭକ୍ତି ସଙ୍ଗୀତ ସଂସଦର ଭଜନ ସମାରୋହ

ପାରଳାଖେମୁଣ୍ଡି, ୧୦।୧(ସମିସ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ଅଗ୍ରଣୀ ସାଂସ୍କୃତିକ ସଂଗଠନ ଭକ୍ତିସଙ୍ଗୀତ ସଂସଦ ଦ୍ୱାରା ୪୧ତମ ଭଜନ ସମାରୋହ ଜଗନ୍ନାଥ ମନ୍ଦିର ନିକଟସ୍ଥ ରାଜଦାଣ୍ଡଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଦେବୀ ମଠର ମହନ୍ତ ଶ୍ରୀ ରାମାନନ୍ଦ ଦାସଜୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା ମଙ୍ଗରାଜ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସଭାପତି ବସନ୍ତ ଦାଶ, ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ରଥ, କାର୍ଯ୍ୟକାରୀ ସଭାପତି ଇଂ. ତୀର୍ଥବାସୀ ପଣ୍ଡା, ଉପସଭାପତି ପ୍ରଦୀପ ନାୟକ, ସାଂସ୍କୃତିକ କମିଟି ମୁଖ୍ୟ ଭାରତ ଭୂଷଣ ମହାନ୍ତି, ଉତ୍ସବ ପାଳନ କମିଟି ମୁଖ୍ୟ ଗୌରୀ ପ୍ରସାଦ ରଥ ଓ କାର୍ଯ୍ୟକାରୀ ସମ୍ପାଦକ ରାଜେନ୍ଦ୍ର କୁମାର ରଥ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭୁବନେଶ୍ୱରରୁ ଆସିଥିବା ଖ୍ୟାତନାମା କଣ୍ଠଶିଳ୍ପୀ ପ୍ରଶାନ୍ତ ପାଢ଼ୀ, ବିଷ୍ଣୁ ମୋହନ କବି, ସୁଶ୍ରୀ ରଶ୍ମି ଓ ସ୍ଥାନୀୟ କଣ୍ଠଶିଳ୍ପୀ ଅମୃତା ପୁରୋହିତ, ସ୍ୱନ୍ଦନା ପଣ୍ଡା, ସ୍ନେହାଶିଷ ନାୟକ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ମନୋଜ କୁମାର ପାଢ଼ୀ ଓ ଗୌରୀ ପ୍ରସାଦ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗଡ଼ଦି ନଦୀରୁ ମୃତଦେହ ଉଦ୍ଧାର

ଦାରିଙ୍ଗବାଡି, ୧୦।୧(ସମିସ): ଦାରିଙ୍ଗବାଡି ଥାନା ଅନ୍ତର୍ଗତ ଗଦଡି ନଦୀ ପୋଲ ତଳୁ ଜଣେ ବୃଦ୍ଧଙ୍କ ମୃତ ଦେହ ଉଦ୍ଧାର ହୋଇଛି। ମୃତକ ହେଲେ ରାଇକିଆ ଥାନା ଅନ୍ତର୍ଗତ ସୁଗଡ଼ଗାଡ଼ି ଗ୍ରାମର ଶ୍ରୀରାମ ନାୟକ (୫୫)। ଗଦଡି ପୋଲ ତଳେ ଶ୍ରୀରାମଙ୍କ ମୃତ ଶରୀର ଦେଖି ପରିବାର ଲୋକ ଦାରିଙ୍ଗବାଡି ପୁଲିସକୁ ଜଣେଇଥିଲେ। ଏହାପରେ ଘଟଣା ସ୍ଥଳରେ ଥାନା ଅଧିକାରୀ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ମୃତ୍ୟୁର କାରଣ ଜଣା ପଡ଼ିନଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ଏହାର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

# ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର

ଜି.ଉଦୟଗିରି, ୧୦।୧(ସମିସ): ଜି ଉଦୟଗିରି ଏନଏସି ସଭାଗୃହରେ ବୁଧୁବାର ଦୁଇ ଦିନିଆ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ(ମୁକ୍ତା) ର ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଏନଏସି ଅଧକ୍ଷା ଦେବସ୍ମିତା ଶତପଥୀ ଶିବିରକୁ ଉଦଘାଟନ କରି ଏହି ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଉପାଧକ୍ଷ ସନ୍ତୋଷ କୁମାର ବାଘ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଭୁବନେଶ୍ୱର ନଗର ଉନ୍ନୟନ ବିଭାଗ ର ଯୁଗ୍ମ ସଚିବ ଶାରଦା ପ୍ରସାଦ ପଣ୍ଡା ଅଭାଷୀ ମାଧମରେ ଏହି ଯୋଜନା ସମ୍ପର୍କରେ ବୁଝାଇଥିଲେ। ରିସୋର୍ସ ପର୍ଶନ ଭାବେ ସର୍ବେଶ୍ୱର ସିଂ ସାହୁ ଓ ଜ୍ୟୋତି ରଞ୍ଜନ ହୋତା ଯୋଗ ଦେଇ ତାଲିମ ପ୍ରଦାନ କରିଥିଲେ। ଡୁଡା କନ୍ଧମାଳରୁ ଶରତ କୁମାର ଗୌଡ଼ ଓ ଶୁଭ ରଞ୍ଜନ ସାହାଣୀ ଯୋଗ ଦେଇଥିବା ବେଳେ ଜି ଉଦୟଗିରି ଏନଏସିର ମୁକ୍ତା ସଂଯୋଜଜ ପ୍ରଭାତ ରଞ୍ଜନ ସାହୁ ପ୍ରଶିକ୍ଷଣ ଶିବିର ପରିଚାଳନା କରିଥିଲେ। ଏହି ଶିବିରରେ ଫୁଲବାଣୀ ପୌର ପରିଷଦ, ବାଲିଗୁଡା ଏନଏସି ଓ ଜି ଉଦୟଗିରି ଏନଏସିର ମିଶନ ଶକ୍ତି ସଦସ୍ୟା ମାନେ ଯୋଗ ଦେଇଛନ୍ତି।

# ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଫୁଲବାଣୀ, ୧୦।୧(ସମିସ): ଫୁଲବାଣୀ ବ୍ଲକ ଗଞ୍ଜୁଗୁଡ଼ା ପଞ୍ଚାୟତ ଠାରେ ଶିକ୍ଷା ଭାରତୀ ଟ୍ରଷ୍ଟର ମିଳିତ ସହଭାଗିତାରେ ଏକ ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ସନ୍ଦୀପ କୁମାର ଓଡ଼ିଶାରେ ଆତ୍ମନିଯୁକ୍ତିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶିଳ୍ପ ଉନ୍ନୟନ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଆତ୍ମନିଯୁକ୍ତି ପାଇଁ ରାଜ୍ୟ ସରକରଙ୍କ ଦ୍ୱାରା କାର୍ଯକାରୀ ହେଉଥିବା ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ପରିଚାଳକ ହରେକୃଷ୍ଣ ଜେନା ନବ ଉଦ୍ୟୋଗିଙ୍କ ପାଇଁ ବ୍ୟାଙ୍କ ସମୂହ ଦ୍ୱାରା ମିଳୁଥିବା ବିଭିନ୍ନ ଆର୍ଥିକ ଋଣ ବିଷୟରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ୫୦ରୁ ଅଧିକା ମହିଳା ଯୋଗ ଦେଇଥିଲେ ଏବଂ ଏହି ମହିଳାଙ୍କ ଭିତରୁ ୨୫ ଜଣଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଚୟନ କରାଯାଇଥିଲା। ଏହି ପ୍ରଶିକ୍ଷଣ ଦୀର୍ଘ ୪୫ ଦିନ ଧରି ଚାଲିବା ସହ ଶେଷରେ ପ୍ରଶିକ୍ଷାର୍ଥୀଙ୍କୁ ଭାରତ ସରକାଙ୍କ ଅନୁମୋଦିତ ସାର୍ଟିଫିକଟ ପ୍ରଦାନ କରାଯିବ ବୋଲି ସଭା ପରିଚାଳନା କରୁଥିବା ଶିକ୍ଷ୍ୟା ଭାରତୀ ଟ୍ରଷ୍ଟ ର ଚେୟାରପର୍ସନ ଶ୍ରୀ ରମେଶ ଚନ୍ଦ୍ର ତ୍ରିପାଠୀ କହିଥିଲେ। ଅନ୍ୟମାନଙ୍କ ମଧରେ ସୁଶାନ୍ତ କୁମାର ଦାସ, ଜ୍ୟୋତିରଞ୍ଜନ ଜେନା, ନିର୍ମଳା ମହାରଣା, ବବିତା ମହାରଣା, ସ୍ୱର୍ଣ୍ଣଲତା ପଣ୍ଡା ଓ ଭବାନୀ ଗୁରୁ ପ୍ରମୁଖ ସହାୟତା କରିଥିଲେ। ଗଞ୍ଜୁଗୁଡା ସରପଞ୍ଚ ଆଲୋକ କହଁର କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ ପ୍ରକାର ସହାୟତା କରିବେ ବୋଲି ପ୍ରତଶ୍ରୁତି ଦେଇଥିଲେ।

# ଜଙ୍ଗଲ ସୁରକ୍ଷା ପାଇଁ ସଚେତନତା ଶିବିର

ପାରଳାଖେମୁଣ୍ଡି, ୧୦।୧(ସମିସ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ଏସ୍. ଆନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଜଙ୍ଗଲ ସୁରକ୍ଷା ଓ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ନିମନ୍ତେ ଏକ ସଚେତନତା ଶିବିର ଗୁମ୍ମା ବ୍ଲକ ଅନ୍ତର୍ଗତ ଆନନ୍ଦପୁର ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଦେବଗିରି ବନାଞ୍ଚଳ ଅଧିକାରୀ ଏନ୍.ଡ଼ି ଶର୍ମା, ବନପାଳ ଗଣେଶ ପ୍ରଧାନ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ରହି ଜଙ୍ଗଲକୁ କିପରି ନିଆଁ ଦାଉରୁ ରକ୍ଷା କରାଯିବ ସେନେଇ ଆଲୋଚନା କରିଥିଲେ। ଜଙ୍ଗଲରେ ନିଆଁ ଲାଗିଲେ ବନ ବିଭାଗକୁ ତୁରନ୍ତ ଖବର ଦେଇ ସହଯୋଗ କରିବା ନିମନ୍ତେ ଅନୁରୋଧ କରିଥିଲେ। ଏହା ସହିତ ଜଙ୍ଗଲ ସୁରକ୍ଷା ଓ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ନିମନ୍ତେ ଦାଶକାଠିଆ ନାଚ ମାଧମରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ସମେତ ଆଖପାଖ ଗ୍ରାମର ଜନସାଧାରଣ ଉପସ୍ଥିତ ଥିଲେ।

# ଜଙ୍ଗଲ ସୁରକ୍ଷା ତାଲିମ ଶିବିର



ବ୍ରାହ୍ମଣୀଗାଁ, ୧୦।୧(ସମିସ): ମେରାମହା ଛକ ଠାରେ ବ୍ରାହ୍ମଣୀଗାଁ ବନାଞ୍ଚଳ ବିରେନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜଙ୍ଗଲକୁ କିପରି ନିଆଁ ଦାଉରୁ ରକ୍ଷା କରାଯାଇ ପାରିବ ସେନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ଏଥିରେ ବ୍ରାହ୍ମଣୀଗାଁ, ଗୋଦାପୁର ଓ ଝିଞ୍ଜିରିଗୁଡ଼ା ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗ ଦେଇଥିଲେ। ବନପାଳ କଞ୍ଚା ବୁଦା ତଥା ଅଗ୍ନି ନିର୍ବାପକ ଯନ୍ତ୍ରକୁ ବ୍ୟବହାର କରି ନିଆଁକୁ ଆୟତ୍ତ କରାଯିବା ଶୈଳୀ ଶିଖାଇଥିଲେ। ଏଥିରେ ଗୋଦାପୁର ବନପାଳ ସଞ୍ଜୀବ କୁମାର ବେହେରା, ଦୀପକ ରଞ୍ଜନ ପଟ୍ଟନାୟକ ଓ ଅନ୍ୟାନ୍ୟ ବନ କର୍ମଚାରୀ ମାନେ ଅଂଶଗ୍ରହଣ କରିଥିଲେ।

କନ୍ଧମାଳ ମହୋତ୍ସବ ଉଦ୍‌ଯାପିତ

# ମଣ୍ଟୁ ଛୁରିଆଙ୍କ ଗୀତରେ ଦୁଲୁକିଲା ମଞ୍ଚ



ଫୁଲବାଣୀ, ୧୦।୧(ସମିସ)

କନ୍ଧମାଳ ଜିଲ୍ଲାର କଳା, ସଂସ୍କୃତି, ଐତହ୍ୟ ଓ ପରମ୍ପରାର ପ୍ରତିକ କନ୍ଧମାଳ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଉଦଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାଂସଦ ଡଃ ଅଚ୍ୟୁତ ସାମନ୍ତ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ କନ୍ଧମାଳ ଜିଲ୍ଲା ପରିଷଦର ଅଧକ୍ଷା ନନ୍ଦିନୀ ମଲ୍ଲିକ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡା ବିଧାୟକ ଚକ୍ରମଣି କହଁର ଏବଂ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗ ଦେଇଥିଲେ। ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥିମାନେ ଯୋଗ ଦେଇଥିଲେ। ଶେଷ ସନ୍ଧ୍ୟାରେରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ ନୃତ୍ୟଶିଳ୍ପ ଯୋଗ ଦେଇ ଚିତାକର୍ଷକ ଓଡିଶୀ ନୃତ୍ୟ ସମେତ ଲୋକ ନୃତ୍ୟ, ପାରମ୍ପରିକ ନାଚ ଗୀତ ପରିବେଷଣ କରିଥିଲେ ଏମାନଙ୍କ ମଧରେ ମୁଖ୍ୟ ଆକର୍ଷଣ ଆଧୁନିକ ଓଡ଼ିଆ ଗାୟକ ମଣ୍ଟୁ ଛୁରିଆଙ୍କ ସଙ୍ଗୀତ ଥିଲା। ଲୋକେ କନ୍ଧମାଳ ଜିଲ୍ଲାରେ ପ୍ରଥମ ଥର ଷ୍ଟ୍ରବେରି ଚାଷ ହୋଇଥିବା ପ୍ରଥମ ଫଳ ମୋହତ୍ସବ ପଡ଼ିଆରେ ବିକ୍ରି ହେଉଥିବା ବେଳେ ଲୋକେ ମଧ ଷ୍ଟ୍ରବେରି କିଣି ଖାଉଥିବା ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ପ୍ରବଳ ଉତ୍ସାହ ସହ ମହୋତ୍ସବ ଆରମ୍ଭ ହୋଇଥବାବେଳେ ଅନ୍ତିମ ଦିବସରେ ବହୁ ମାତ୍ରାରେ ଜନ ସମାଗମ ହୋଇଥିଲା।

